# ପାରିତ ମହିଳା ସଂରକ୍ଷଣ ଆଇନ ତୁରନ୍ତ କାର୍ଯ୍ୟକାରୀ ହେଉ

ଭୁବନେଶ୍ୱର,୩୦।୪(ସମିସ): ବିଜେପି ନେତୃତ୍ୱାଧୀନ ଡବଲ ଇଞ୍ଜିନ ସରକାରର ମହିଳା-ବିରୋଧୀ ଆଭିମୁଖ୍ୟ ବିରୋଧରେ ରାଜ୍ୟବ୍ୟାପି ଆନ୍ଦୋଳନ ହେବ। ଉଭୟ ସଂସଦ ଓ ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଡାକି ମହିଳା ସଂରକ୍ଷଣ

- ଭୁବନେଶ୍ୱରରେ ମହିଳା କଂଗ୍ରେସର ବିଶାଳ ସମାବେଶ
- ଜିଲ୍ଲା ଓ ବ୍ଲକ ସ୍ତରରେ ମଶାଲ ଶୋଭାଯାତ୍ରା କରିବ ଦଳ

ପ୍ରସଙ୍ଗରେ ବିଜେପି ବିଭ୍ରାନ୍ତି ସୃଷ୍ଟି କରୁଥିବାରୁ ଏହା ବିରୋଧରେ ମେ' ମାସ ପ୍ରଥମ ସପ୍ତାହରେ ରାଜ୍ୟବ୍ୟାପୀ ମହିଳାମାନେ ଆନ୍ଦୋଳନ କରିବେ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଗୁରୁବାର ଅପରାହ୍ନରେ ଲୋୟର ପିଏମ୍‌ଜି ଠାରେ ଆୟୋଜିତ ଏକ ବିଶାଳ ମହିଳା ସମାବେଶରେ ଉଦ୍‌ବୋଧନ ଦେଇ ଶ୍ରୀ ଦାସ କହିଛନ୍ତି, ଆସନ୍ତା ୩ ଓ ୪ ତାରିଖ ସନ୍ଧ୍ୟାରେ ପ୍ରତି ଜିଲ୍ଲା କଂଗ୍ରେସ କମିଟିର ତତ୍ୱାବଧାନରେ ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା ଆୟୋଜିତ ହେବ। ସେହିପରି ଆସନ୍ତା ୭ ଓ ୮ ତାରିଖରେ ଏହି ମଶାଲ ଶୋଭାଯାତ୍ରା



ବ୍ଲକ ସ୍ତରରେ ଆୟୋଜିତ ହେବ। ମହିଳାମାନଙ୍କୁ ପ୍ରତାରଣା କରିବାର ମନବୃତ୍ତି ଛାଡି ସରକାର ତୁରନ୍ତ ୨୦୨୩ରେ ସଂସଦରେ ସର୍ବସମ୍ମତ କ୍ରମେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନକୁ କାର୍ଯ୍ୟକାରୀ କରନ୍ତୁ; ନଚେତ୍ ପରିଣାମ ଭୋଗିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଭକ୍ତ ଚେତାବନୀ ଦେଇଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଯୋଗଦେଇ ଏଆଇସିସିର ଓଡ଼ିଶା ସହ-ପ୍ରଭାରୀ ଜେଟି କୁସୁମ କୁମାର କହିଥିଲେ, କଂଗ୍ରେସର ୧୪୧ ବର୍ଷ ଇତିହାସରେ ୫୦ ବର୍ଷରୁ ଉର୍ଦ୍ଧ୍ୱ କାଳ ମହିଳା ସଭାପତି ଦଳର ନେତୃତ୍ୱ ନେଇଥିବାବେଳେ ୪୬ ବର୍ଷର ବିଜେପି ଇତିହାସରେ ସେମାନେ ଜଣେ ବି ମହିଳାଙ୍କୁ ଦଳର ନେତୃତ୍ୱ ନେବାର ସୁଯୋଗ ଦେଇନାହାନ୍ତି। ଓଲଟା ବିଜେପି କଂଗ୍ରେସକୁ ମହିଳା ବିରୋଧୀ କହିବା ହାସ୍ୟାସ୍ପଦ ବୋଲି ସେ ମତ ଦେଇଥିଲେ। ସେହିପରି ୨୦୨୩ ମସିହାରେ ସଂସଦରେ ଏହି ବିଲ ଆସିଥିବା ବେଳେ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ଏହି ବିଲକୁ ସମର୍ଥନ କରିବା ପରେ ଏହା ଆଇନରେ ପରିଣତ ହେଲା। ମାତ୍ର ଏହି ଆଇନକୁ କ'ଣ ପାଇଁ ୨୦୨୪ ସାଧାରଣ ନିର୍ବଚନରେ ଲାଗୁ କଲା ନାହିଁ ତା'ର ସରକାର ଜବାବ ରଖନ୍ତୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ବରିଷ୍ଠ କଂଗ୍ରେସ ନେତା ସୁର ରାଉତରାୟ, ମହିଳା କଂଗ୍ରେସ ଓଡ଼ିଶା ପ୍ରଭାରୀ ତୁଲୀକା କର୍ମା, ମହିଳା କଂଗ୍ରେସର ରାଷ୍ଟ୍ରୀୟ ସମ୍ପାଦିକା ରୀତା ପଣ୍ଡା ପ୍ରମୁଖ କହିଥିଲେ।

ଏବେ ଲୋକସଭାରେ ଯେଉଁ ୫୪୩ଟି ସିଟ୍ ଅଛି ଏବଂ ବିଭିନ୍ନ ରାଜ୍ୟରେ ଆଜିର ଦିନରେ ବିଧାନସଭାରେ ଯେଉଁ ସ୍ଥିତି ଅଛି ତାକୁ ଆଧାର କରି ମହିଳା ସଂରକ୍ଷଣ ଆଇନ ଲାଗୁ କରାଯାଉ। ମାତ୍ର ଲୋକସଭାର ଆସନ ସଂଖ୍ୟା ନିରାଧାର ଭାବେ ୮୫୦କୁ ବଢ଼ାଯାଇ ସେଥିରେ ୩୩ ପ୍ରତିଶତ ଲାଗୁ କରିବା ଭଳି ମାନସିକତା ବିଜେପି କାହିଁକି ରଖିଛି ତା'ର ଉତ୍ତର ରଖୁ ବୋଲି କଂଗ୍ରେସ ଦାବି କରିଛି। ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସର ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବିଶାଳ ସମାବେଶ ଓ ବିଧାନସଭା ଘେରାଉ କାର୍ଯ୍ୟକ୍ରମରେ ମଧୁମିତା ପଣ୍ଡା ସେଠୀ ଉଦ୍‌ଘୋଷିକା ଦାୟିତ୍ୱ ନିର୍ବାହ କରିଥିଲେ।

ଅନୈତିକ କାରବାରକୁ ବିରୋଧ କରିବାରୁ ଆକ୍ରମଣ

# ଓଏସ୍‌ଏପି ବାଟାଲିଅନ୍‌ରେ ହଙ୍ଗାମା; ୩ ପୁଲିସ ଗୁରୁତର

କଟକ, ୩୦।୪ (ସମିସ): ସୁରକ୍ଷାବଳୟ ମଧ୍ୟରେ ଥାଇ ମଧ୍ୟ ସୁରକ୍ଷିତ ନୁହନ୍ତି ପୁଲିସ କର୍ମଚାରୀ। କଟକ ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଓଏସ୍‌ଏପି ଷଷ୍ଠ ବାଟାଲିଅନ୍ କ୍ୟାମ୍ପସ୍ ପରିସରରେ ପୁଲିସ୍ ଉପରକୁ ମରଣାନ୍ତକ ଆକ୍ରମଣ ହୋଇଛି। ଏଥିରେ ୩ ପୁଲିସ୍ ଆହତ ହୋଇଛନ୍ତି। ସେମାନେ ହେଲେ, ମାନସ ରଣସିଂହ (ଡେପୁଟି ସୁବେଦାର), ବିପନ ଦାସ (ହୋମଗାର୍ଡ) ଓ ପ୍ରଶାନ୍ତ ମୁଦୁଲି (ସିପାହୀ)। ସମସ୍ତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣା ଦେଖି ସେଠାରୁ ଚାଲିଯିବାକୁ କହିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପ୍ରବଳ ପାଟିତୁଣ୍ଡ ଓ ବଚସା ହୋଇଥିଲା। ସମ୍ପୃକ୍ତ ଯୁବକ ପ୍ରଶାନ୍ତ ପାତ୍ର ନିଜକୁ ନିର୍ଦ୍ଦୋଷ ଦର୍ଶାଇବା ସହ ମନ୍ଦିର ପୂଜକଙ୍କୁ ନେବାକୁ ଆସିଥିବା କହି ମାନସଙ୍କ ସହ ଯୁକ୍ତି କରିଥିଲେ। ପରେ ପୁଲିସ ଉଭୟଙ୍କୁ କଣ୍ଟ୍ରୋଲ ରୁମ୍‌କୁ ନେଇ ତାଗିଦ୍ କରିବା ସହ ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଥିଲା।। ତେବେ ପୁଲିସ ଦ୍ୱାରା ଅପମାନିତ ଅନୁଭବ କରି ପ୍ରଶାନ୍ତ ନିଜର ୫-୬ଜଣ ସହଯୋଗୀଙ୍କୁ ବାଟାଲିଅନ୍ ଭିତରକୁ



ଏବେ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ, ପ୍ରଶାନ୍ତ ପାତ୍ର, ପବିତ୍ର ପାତ୍ର, ବୁଟୁ ସାମଲ, ଅମିତ କୁମାର ସିଂହ ଏବଂ ଜ୍ୟୋତି ରଞ୍ଜନ ବେହେରା। ସେମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ରାପିଡୋ ଚାଳକ

## ୫ ଅଭିଯୁକ୍ତ ଗିରଫ; ବସୁନ୍ଧରା ଗଲା ଯୁବତୀ

ଓ କିଛି ବେସରକାରୀ ସଂସ୍ଥା କର୍ମଚାରୀ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ ଭଳି ସଙ୍ଗୀନ ଦଫାରେ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ସହ ୪ଟି ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଧାରୁଆ ଅସ୍ତ୍ର ଜବତ କରିଛି। ପୁଲିସ ସୂଚନାନୁଯାୟୀ, ବୁଧବାର ବିଳମ୍ବିତ ରାତିରେ ବାଟାଲିଅନ୍ ପରିସରରେ ଥିବା ଜଗନ୍ନାଥ ମନ୍ଦିର ନିକଟ ପୋଖରୀ କୂଳରେ ଏକ ପ୍ରେମୀଯୁଗଳ ଅସଂଯତ ଅବସ୍ଥାରେ ବସିଥିଲେ। ସେହି ବାଟ ଦେଇ ଯାଉଥିବା ଡେପୁଟି ସୁବେଦାର ମାନସ ରଣସିଂହ ସେମାନଙ୍କୁ ଡକାଇଥିଲେ। ଦୁର୍ବୃତ୍ତମାନେ କ୍ୟାମ୍ପସ୍ ଭିତରକୁ ପଶି ଆସି ଗାଳିଗୁଲଜ କରିବା ସହ ଯବାନ ମାନସ ରଣସିଂହଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ପହଞ୍ଚିଥିବା ଚାଉଳିଆଗଞ୍ଜ ଥାନାର ପିସିଆର୍ ଭ୍ୟାନ୍ କର୍ମଚାରୀଙ୍କୁ ମଧ୍ୟ ଦୁର୍ବୃତ୍ତମାନେ ଛାଡ଼ିନଥିଲେ। ଧାରୁଆ ଅସ୍ତ୍ର ସାହାଯ୍ୟରେ ପୁଲିସ କର୍ମଚାରୀଙ୍କ ମୁଣ୍ଡ ଓ ପିଠିକୁ ଆକ୍ରମଣ କରିଥିଲେ। ଆକ୍ରମଣରେ ଡେପୁଟି ସୁବେଦାର ମାନସଙ୍କ ସହ ହୋମଗାର୍ଡ ବିପନ ଓ ସିପାହୀ ପ୍ରଶାନ୍ତ ଗୁରୁତର ଆହତ ହୋଇଥିଲେ। ସମସ୍ତଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାକୁ ଗୁରୁତ୍ୱର ସହ ନେଇ ଓଏସଏପି ଆଇଜି ସତୀଶ ଗଜଭିଏ ଓ ଏସିପି ସୁଧାଂଶୁ ଜେନା ତଦନ୍ତର ତଦାରଖ କରୁଛନ୍ତି। ଏହି ଘଟଣାରେ ପୁଲିସ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଘଟଣାସ୍ଥଳରୁ ସାଇଣ୍ଟିଫିକ୍ ଟିମ୍ ପ୍ରମାଣ ସଂଗ୍ରହ କରିବା ସହ ୪ଟି ବାଇକ୍ ଓ ଆକ୍ରମଣରେ ବ୍ୟବହୃତ ଧାରୁଆ ଅସ୍ତ୍ର ଜବତ କରିଛି। ସୁରକ୍ଷା ଦୃଷ୍ଟିରୁ ଘଟଣା ସମୟରେ ଥିବା ଯୁବତୀଙ୍କୁ 'ବସୁନ୍ଧରା' ଅନୁଷ୍ଠାନକୁ ପଠାଇ ଦିଆଯାଇଛି। ବାଟାଲିଅନ୍ ପରିସରରେ ଏବେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡ଼ାକଡ଼ି କରାଯାଇ ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି।

ରଥଖଳାରୁ...

# ଗୁଜ ଅନୁକୂଳ; ରଥଖଳାରେ ରୂପକାର

ପୁରୀ,୩୦।୪(ସମିସ): ଶ୍ରୀନଅର ସମ୍ମୁଖ ରଥଖଳାରେ ଚାଲିଛି ତିନିରଥ ନିର୍ମାଣ। ମହାରଣା, ଭୋଇ, କମାର, କରତି ପ୍ରମୁଖ ସେବକମାନେ ରଥ ଗଢ଼ିବାରେ ନିମଗ୍ନ ରହିଛନ୍ତି। ବିଧି ମୁତାବକ



ଯନ୍ତା ଗାଡ଼ ଖୋଲିଲେ ଭୋଇ ସେବକ

ରଥ ନିର୍ମାଣ ଚାଲିଛି। ପରମ୍ପରା ଅନୁଯାୟୀ, ପବିତ୍ର ନୃସିଂହ ଚତୁର୍ଦ୍ଦଶୀରେ ଗୁରୁବାର ରଥଖଳାରେ ଗୁଜ, ଅର ଏବଂ ତୁମ୍ବରେ ଅର ସଂଯୋଗ ଅନୁକୂଳ କରାଯାଇଛି। ଏଥିସହ ରଥଖଳାକୁ ରୂପକାର ସେବକମାନେ ପ୍ରବେଶ କରିଛନ୍ତି। ସେହିପରି ଭୋଇ ସର୍ଦ୍ଦାର ରବି ଭୋଇ ଓ କାର୍ତ୍ତିକ ଭୋଇଙ୍କ ନେତୃତ୍ୱରେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଯନ୍ତା ଗାଡ଼ ଖୋଲିଛନ୍ତି ଭୋଇ ସେବକ। ଗୁଜ ଅନୁକୂଳ ପାଇଁ ବୁଧବାର ଭୋଇ ସର୍ଦ୍ଦାର ରବି ଭୋଇଙ୍କ ନେତୃତ୍ୱରେ ଭୋଇ ସେବକମାନେ ରଥଖଳାରେ ତିନିରଥ ଲାଗି ୧୨ ଫୁଟିଆ ଧଉରା କାଠ ପକାଇଥିଲେ। ଗୁରୁବାର ତିନିରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର, ନରସିଂହ ମହାପାତ୍ର ଓ ନାରାୟଣ ମହାରଣା ନିର୍ମାଣ ଉଦ୍ଦିଷ୍ଟ କାଠରେ ମହାପ୍ରଭୁଙ୍କ ମାହାର୍ଦ୍ଦ ରଖି ନଡ଼ିଆ ଭାଙ୍ଗି ଅନୁକୂଳ ପୂଜା କରିଥିଲେ। ତିନି ରଥର ସାଥୀ ମହାରଣା ସେବକମାନେ ସାଲ ଗୁଜ କାଠ, ଜଳଯନ୍ତ୍ର ଚଉପଟ କରିବା ସହ ଅରପଟାକୁ ମାପ ପ୍ରକାରେ କାଟି ତା'ର ମୁଖକୁ ସାଲ କରି ସାଇତି ରଖିଥିଲେ। ଶ୍ରୀମନ୍ଦିରରୁ ଚନ୍ଦନ ଠାକୁର ବିଜେ ହୋଇ ରଥ ଖଳା ନିକଟରେ ପହଞ୍ଚିବା କ୍ଷଣି ତିନି ରଥର ମୁଖ୍ୟ ରୂପକାର ସେବକମାନେ ଚଉପଟ ସାଲଗୁଜରେ ଶ୍ରୀନୃସିଂହ ଦେବଙ୍କ ପ୍ରତିମା ଖୋଦେଇ କରି କୋଣଗୁଜ ନିର୍ମାଣ ଶୁଭ ଅନୁକୂଳ ସମ୍ପନ୍ନ କରିଥିଲେ। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନି ରଥର ଚକା ଡେରା ନୀତି ପାଇଁ ଆବଶ୍ୟକ ପଦାରି, ବଳା ଏବଂ ଅରକଣ୍ଟା ନିର୍ମାଣ ଶେଷ କରିଛନ୍ତି। ବାକି ଚକଗୁଡ଼ିକ ପାଇଁ ଆବଶ୍ୟକ ପରିମାଣ ବଳା, ପଦାରି ଏବଂ ଅରକଣ୍ଟା ପ୍ରସ୍ତୁତି ଜାରି ରଖିଛନ୍ତି।

କାଳ ହେଲା ଧଳା ମାଟି ଖନନ

# ଅତଡ଼ା ଧସି ମହିଳା ମୃତ; ୨ ଗୁରୁତର

ନନ୍ଦପୁର, ୩୦।୪(ସମିସ): ନନ୍ଦପୁର ବ୍ଲକ୍ ହିକିମ୍‌ପୁଟ ପଞ୍ଚାୟତ ଅନ୍ତର୍ଗତ ମାରଡ଼ା ନିଲ ଦୋରାପୁଟ ଗଙ୍ଗାସନୀ ନଦୀକୂଳରେ ମାଟି ଅତଡ଼ା ଧସି ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ବେଳେ ଦୁଇରୁ ଅଧିକ ଗୁରୁତର



ହୋଇଛନ୍ତି। ମୃତକ ମହିଳାଜଣଙ୍କ ହେଲେ, ଗୁପ୍ତେଶ୍ୱରୀ ଚୁଡିଆ। ଆହତମାନେ ହେଲେ, ଦିଲୀପ ଚୁଡିଆ, କାଞ୍ଚନ ଚୁଡିଆ, ଅମ୍ବିକା ଚୁଡିଆ, ପୁଷ୍ପା ଖିଲ, ମାଲିତି ଖିଲ ଓ ଜୟନ୍ତୀ ନାୟକ। ସମସ୍ତେ ଗୋଟିଏ ପରିବାରର ବୋଲି କୁହାଯାଉଛି। ଆଜି ଏହି ନଦୀ କୂଳରେ କିଛି ପୁରୁଷ ଓ ମହିଳା ମାଟି ଖୋଳୁଥିବା ବେଳେ ଏହି ଅଘଟଣ ଘଟିଥିଲା। ୩ ମହିଳାଙ୍କ ଉପରେ ମାଟି ଅତଡ଼ା ଧସି ଯାଇଥିଲା। ଖବର ପାଇ ପୁଲିସ, ଅଗ୍ନିଶମ ଓ ମେଡିକାଲ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାମ ଆରମ୍ଭ କରିଥିଲେ। କିନ୍ତୁ ସେତେବେଳକୁ ଗୁପ୍ତେଶ୍ୱରୀଙ୍କ ମୃତ୍ୟୁ ହୋଇଯାଇଥିଲା। ପ୍ରକାଶଥାଉକି, ବର୍ଷକ ତଳେ ଠିକ୍ ଉକ୍ତ ସ୍ଥାନରେ ମାଟି ଅତଡ଼ା ଖସି ଘାଗଡ଼ାପଣ୍ଡି ଗ୍ରାମର ତିନିଜଣ ମହିଳାଙ୍କ ମୃତ୍ୟୁ ଘଟିଥିଲା।

ଚାପ ନା ଡର !

# ବିଧାନସଭା ଫାଟକରେ ବିଧାୟକଙ୍କ ଗାଡ଼ି ଯାଞ୍ଚ

ଭୁବନେଶ୍ୱର,୩୦।୪(ସମିସ): କଥା କଥାରେ ରାଜ୍ୟରେ ଖଣ୍ଡା ବୁଲୁଛି। ପ୍ରତିଦିନ ଦୁଷ୍କର୍ମ ଓ ହତ୍ୟା ପରି ସ୍ପର୍ଶକାତର ଘଟଣା ଘଟୁଛି। ଖୋଦ ପୁଲିସ ବିଭାଗରେ ମହିଳା କର୍ମଚାରୀ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି; ମାତ୍ର ବିଧାନସଭାକୁ ଯିବାବେଳେ ଆତଙ୍କବାଦୀ ଧମକ ମିଳିବା ପରି ବିଧାୟକମାନଙ୍କ ଗାଡିକୁ ତନ୍ନତନ୍ନ କରି ଯାଞ୍ଚ କରିଛି କମିଶନରେଟ ପୁଲିସ। ଏପରିକି ମହିଳା ସଶକ୍ତୀକରଣ ପାଇଁ ବିଧାନସଭାରେ ସ୍ୱତନ୍ତ୍ର ଆଲୋଚନାରେ ଯୋଗ ଦେବାକୁ ଆସିଥିବା ମହିଳା ବିଧାୟକମାନେ ବି ପୁଲିସ ଯାଞ୍ଚରୁ ବାଦ ପଡ଼ିନାହାନ୍ତି। ଏହାକୁ ନେଇ ଅନେକ ବିଧାୟକ ଆଶ୍ଚର୍ଯ୍ୟ ପ୍ରକଟ କରିଛନ୍ତି; କେଉଁ କାରଣ ପାଇଁ ପୁଲିସ ଏତେ ସକ୍ରିୟ ହୋଇ ପଡ଼ିଛି ଓ ବିଧାନସଭାକୁ ଯାଉଥିବା ବିଧାୟକଙ୍କ ଗାଡ଼ି ବି ଯାଞ୍ଚ କରୁଛି ବୋଲି ପ୍ରଶ୍ନ କରିଛନ୍ତି। ଏପରିକି କିଛି ବିରୋଧୀ ବିଧାୟକ କ୍ଷୋଭ ପ୍ରକାଶ କରି ପୁଲିସ ଆମକୁ ଆତଙ୍କବାଦୀ ମଣୁଛି ବୋଲି କଟୁକ୍ତି କରିଛନ୍ତି।

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଆପଣାଇଛି କମିଶନରେଟ ପୁଲିସ। ବିଧାନସଭା ପ୍ରବେଶ ଫାଟକ୍ ପାଖରେ ତିନି ସ୍ତରୀୟ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପୁଲିସ ପ୍ରତ୍ୟେକ ଗାଡ଼ିକୁ ଯାଞ୍ଚ କରୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। କେଉଁ ଅଦୃଶ୍ୟ ଭୟ ବା ଅଦୃଶ୍ୟ ଚାପର ବଶବର୍ତ୍ତୀ ହୋଇ ପୁଲିସ ନିର୍ବାଚିତ ପ୍ରତିନିଧିମାନଙ୍କ ଗାଡ଼ିକୁ ଯାଞ୍ଚ କରୁଛି ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ ଧ୍ରୁବ ସାହୁ। ସେହିପରି ଅନ୍ୟ କିଛି ବିଧାୟକ ପୁଲିସ ଅଧିକାରୀଙ୍କ ଉପରେ ବିରକ୍ତି ପ୍ରକାଶ କରି ଏହାକୁ ଅଯଥା ହସ୍ତକ୍ଷେପ ବୋଲି ଆପତ୍ତି

## ତୀବ୍ର ପ୍ରତିକ୍ରିୟା ପ୍ରକାଶ କଲେ ବିରୋଧୀ ବିଧାୟକ

ଉଠାଇଛନ୍ତି। ଏହି ଚେକିଙ୍ଗ୍ ବିଧାନସଭାର ସୁରକ୍ଷା ଏବଂ ସୁଚାରୁ ପରିଚାଳନା ପାଇଁ କରାଯାଉଥିବା ପୁଲିସ ସଫେଇ ଦେଇଥିଲେ ହେଁ ବିଧାୟକମାନେ ଏହାକୁ ଗ୍ରହଣ କରିପାରିନାହାନ୍ତି।

ବିଧାୟକ ଧ୍ରୁବ ସାହୁ କହିଛନ୍ତି ଯେ ରାଜ୍ୟରେ ଜନସାଧାରଣ ଅସୁରକ୍ଷିତ। ସେମାନଙ୍କୁ ସୁରକ୍ଷା ଦେଇ ପାରୁ ନ ଥିବାରୁ ସ୍ୱତଃପ୍ରବୃତ୍ତଭାବରେ ସରକାର ନିଜକୁ ଅସୁରକ୍ଷିତ ମଣୁଛନ୍ତି। ଇତିହାସରେ ଯାହା ହେଇ ନ ଥିଲା ତାହା ଏ ସରକାର କରୁଛନ୍ତି। ପଶ୍ଚିମବଙ୍ଗରେ ଗଣତନ୍ତ୍ରକୁ ହତ୍ୟା କରି ସରକାରୀ ଦଳ ସଦସ୍ୟମାନେ ଫେରିଛନ୍ତି। ସେଇ ଭାବନାକୁ ଏଠାରେ ପ୍ରକାଶ କରାଯାଉଛି। ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ଠିକ୍ ଅଛି, କିନ୍ତୁ ବିଧାୟକଙ୍କୁ ଏପରି ଭାବେ ଯାଞ୍ଚ ଆମର ସମ୍ମାନ ହ୍ରାସ କରିଛି ବୋଲି ଶ୍ରୀ ସାହୁ କହିଛନ୍ତି।

ଅପରପକ୍ଷରେ ଏହି ଚେକିଂ ପଛରେ ସରକାରଙ୍କୁ କଙ୍କାଳ ଭୟ ଘାରିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ପୂର୍ବରୁ ଏସ୍‌ସିବି ଅଗ୍ନିକାଣ୍ଡ ଘଟଣାରେ ବିରୋଧୀମ ବିଧାନସଭାରେ କୋକେଇ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ପରେ ସରକାରଙ୍କ ଉପରେ ପ୍ରବଳ ଚାପ ପଡ଼ିଥିଲା। ନିକଟରେ କେନ୍ଦୁଝରରେ ଜିତୁ ମୁଣ୍ଡା ବ୍ୟାଙ୍କରୁ ଟଙ୍କା ଉଠାଇବା ପାଇଁ ନିଜ ଭଉଣୀ କଙ୍କାଳ ନେଇ ଯିବା ଓ ଏହାକୁ ନେଇ ଅଡୁଆ ସ୍ଥିତି ସୃଷ୍ଟି ହେବା ପରେ ସରକାରଙ୍କୁ ପ୍ରବଳ ସମାଲୋଚନା କରାଯାଇଛି। କାଳେ ବିରୋଧୀ ବିଧାୟକ ବିଧାନସଭା ଭିତରକୁ କଙ୍କାଳ ନେଇ ଆସିବେ ସେହି ଭୟରେ ପୁଲିସ ଯାଞ୍ଚ କଡ଼ାକଡ଼ି କରିଥିବା ମଧ୍ୟ ଆଲୋଚିତ ହେଉଛି। ଏହି ଘଟଣା ନେଇ ସାମାଜିକ ଗଣମାଧ୍ୟମରେ ବି ମିଶ୍ର ପ୍ରତିକ୍ରିୟା ଦେଖାଯାଉଛି।

ମହିଳା ସିଆର୍‌ସିସିଙ୍କୁ ମାନସିକ ନିର୍ଯ୍ୟାତନା

# ଡିଇଓ, ବିଇଓଙ୍କ ସହ ପିଇଟି ଶିକ୍ଷକ ଗିରଫ

ବରଗଡ଼, ୩୦।୪ (ସମିସ): ବରଗଡ଼ ଟାଉନ୍ ଥାନା ଅଞ୍ଚଳରେ ଜଣେ ମହିଳା ସିଆର୍‌ସିସିଙ୍କୁ ମାନସିକ ନିର୍ଯ୍ୟାତନା ଓ ଅସଦାଚରଣ କରିବା ଅଭିଯୋଗକୁ ନେଇ ଜିଲ୍ଲା ଶିକ୍ଷା ବିଭାଗରେ ହଇଚଇ ସୃଷ୍ଟି ହୋଇଛି। ଏହି ଘଟଣାରେ ଜିଲ୍ଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ, ବ୍ଲକ୍ ଶିକ୍ଷାଧିକାରୀ ସୁରେନ୍ଦ୍ର ସାହୁ ଓ ସତଲମା ସ୍କୁଲର କ୍ରୀଡ଼ା ଶିକ୍ଷକ ସମୀର ପାଣିଗ୍ରାହୀଙ୍କୁ ପୁଲିସ୍ ଗିରଫ କରିଛି। ସମସ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

## ବରଗଡ଼ ଶିକ୍ଷା ବିଭାଗରେ କଳଙ୍କ

ପୁଲିସ ସୂଚନାନୁସାରେ, କାର୍ଯ୍ୟକ୍ଷେତ୍ରରେ ମାନସିକ ଉତ୍ପୀଡ଼ନ ଓ ଅସଦାଚରଣ ନେଇ ମହିଳା ସିଆର୍‌ସିସିଜଣଙ୍କ ଥାନାରେ ଅଭିଯୋଗ ଦାଖଲ କରିଥିଲେ। ଅଭିଯୋଗରେ ଅଶ୍ଳୀଳ ମେସେଜ ପଠାଇବା, ଅପ୍ରାସଙ୍ଗିକ ବ୍ୟବହାର ଓ ମାନସିକ ଚାପ ସୃଷ୍ଟି କରିବା ଭଳି ଗୁରୁତର ଆରୋପ ଥିଲା। ବରଗଡ଼ ଟାଉନ୍ ଥାନା ପୁଲିସ ମାମଲା ରୁଜୁ କରି ଏହାର ତଦନ୍ତ ଆରମ୍ଭ କରିଥିଲା। କିଛି ଦିନ ଧରି ପୁଲିସ ଦୁଇ ଶିକ୍ଷାଅଧିକାରୀଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ଡିଜିଟାଲ ପ୍ରମାଣ, ମୋବାଇଲ ମେସେଜ ଓ ଅନ୍ୟାନ୍ୟ ସାକ୍ଷ୍ୟ ଯାଞ୍ଚ କରାଯାଇଥିଲା। ପ୍ରମାଣ ମିଳିବା ପରେ ଡେପୁଟି- କଲେକ୍ଟର୍ ସୁମତି ପଣ୍ଡାଙ୍କ ଅଭିଯୋଗକ୍ରମେ ପୁଲିସ ତିନିଜଣଙ୍କୁ ଗିରଫ କରିଛି। ଏହି ଘଟଣା ବରଗଡ଼ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି।

ଅପରପକ୍ଷେ, ଏହି ଘଟଣା ଜିଲ୍ଲା ଶିକ୍ଷା ବିଭାଗରେ ଚାଲୁଥିବା ବିଭିନ୍ନ ଦୁର୍ନୀତିକୁ ମଧ୍ୟ ସାମ୍ନାକୁ ଆଣିଛି। ବିଜ୍ଞାନ ମେଳା ଆୟୋଜନ, ବେଞ୍ଚ-ଡେସ୍କ କ୍ରୟ ଓ କମ୍ପ୍ୟୁଟର୍ କିଣା



ଭଳି କାର୍ଯ୍ୟରେ ଅନିୟମିତତା ହୋଇଥିବା ନେଇ ପୂର୍ବରୁ ମଧ୍ୟ ଅଭିଯୋଗ ଆସିଥିଲା। ଏହି ସମସ୍ତ ଅଭିଯୋଗ ଉପରେ ଏବେ ପୁନଃ ତଦନ୍ତ ଆରମ୍ଭ ହୋଇଛି। ପୂର୍ବତନ ଜିଲ୍ଲା ଶିକ୍ଷାଧିକାରୀ ଓ ବିଜ୍ଞାନ ନିରୀକ୍ଷକଙ୍କ ନାମରେ ମଧ୍ୟ ଅନିୟମିତତା ଅଭିଯୋଗ ଥିବା କୁହାଯାଉଛି। ଏନେଇ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ପୂର୍ବରୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ, ତଦନ୍ତର ଗତି ଧୀର ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବର୍ତ୍ତମାନ ଏହି ଘଟଣା ପରେ ପ୍ରଶାସନ ଗମ୍ଭୀର ହୋଇଛି।

ମାଓ ସଂଗଠନକୁ ପୁଣି ଝଟ୍‌କା

# ସଂଗଠନର ପ୍ରଶିକ୍ଷକ ଇସ୍ରାଇଲ ପୂର୍ତ୍ତି ନିହତ

ରାଉରକେଲା, ୩୦।୪ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ମୁତୟନ ସୁରକ୍ଷାବଳକୁ ସଫଳତା ମିଳିଛି। ସୁରକ୍ଷା ବଳ ଓ ନକ୍ସଲଙ୍କ ମଧ୍ୟରେ ଗୁଳି ବିନିମୟ ବେଳେ କୁଖ୍ୟାତ ନକ୍ସଲ ତଥା ମାଓ ସଂଗଠନର ପ୍ରଶିକ୍ଷକ ଓ ଗୁଇନ୍ଦା ବିଶେଷଜ୍ଞ ଇସ୍ରାଇଲ ପୂର୍ତ୍ତି (୩୨) ଓରଫ୍

## ବିପୁଳ ଅସ୍ତ୍ରଶସ୍ତ୍ର ଜବତ

ଅମୃତ ନିହତ ହୋଇଛି। ଇସ୍ରାଏଲ ମୁଣ୍ଡରେ ୧ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲା। ଅପରପକ୍ଷେ, ଏହି ଅପରେସନ୍ ବେଳେ ସୁରକ୍ଷା ବଳ ବିପୁଳ ଅସ୍ତ୍ରଶସ୍ତ୍ର ଜବତ କରିଛି।

ସୂଚନା ମୁତାବକ, ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତରେ ଥିବା ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର କୋଲହାନ ସଂରକ୍ଷିତ ଜଙ୍ଗଲ ଅଞ୍ଚଳର ଟୋଣ୍ଟୋ ଥାନା ଅଧୀନ ରୁଟୁଗୁଟୁ ଜଙ୍ଗଲରେ ବୁଧବାର ସୁରକ୍ଷା ବଳ ପକ୍ଷରୁ କମ୍ବି ଅପରେସନ ଚାଲିଥିଲା। ଜଙ୍ଗଲରେ ଲୁଚି ରହିଥିବା କିଛି ମାଓ ସଂଗଠନର ସଦସ୍ୟ ହଠାତ ସୁରକ୍ଷା ବଳ ଉପରକୁ ଗୁଳି ଚାଳନା କରିଥିଲେ। ପାଲଟା ଜବାବରେ ସୁରକ୍ଷାବଳ ପକ୍ଷରୁ ଗୁଳି ଚାଳନା କରାଯାଇଥିଲା। ଏଥିରେ ଇସ୍ରାଏଲ୍ ନିହତ ହୋଇଥିଲେ। ପୁଲିସ ସୂଚନାନୁଯାୟୀ, ଇସ୍ରାଇଲ ଦୀର୍ଘ ସମୟ ଧରି ଏହି ଅଞ୍ଚଳରେ ନକ୍ସଲ କାର୍ଯ୍ୟକଳାପକୁ ସଞ୍ଚାଳନ



କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରି ଆସୁଥିଲା। ଅପରେସନ୍ ପରେ ସୁରକ୍ଷାବଳ ଘଟଣାସ୍ଥଳରୁ ବହୁ ପରିମାଣର ଅସ୍ତ୍ରଶସ୍ତ୍ର ସହ ନକ୍ସଲ ସାମଗ୍ରୀ ଜବତ କରିଥିଲା। ଏହି ଘଟଣା ପରେ ମାଓ ବିରୋଧୀ ଅଭିଯାନ ଏକ ନିର୍ଣ୍ଣାୟକ ମୋଡ଼ ନେବାକୁ ବସିଥିବା ବେଳେ ଦୁର୍ଦ୍ଦାନ୍ତ ନକ୍ସଲ ମିଶ୍ରି ବେଶରା ଏବେ ବି ନିଜର ୪୮ ସହଯୋଗୀଙ୍କୁ ନେଇ ସୁରକ୍ଷା ବଳକୁ ଚ୍ୟାଲେଞ୍ଜ ଦେଉଥିବା କୁହାଯାଉଛି।

ତାତିରେ ଫୁଟୁଛି ଝାରସୁଗୁଡ଼ା

# ଶିଳ୍ପ ପାଇଁ ସନ୍ତୁଳି ହେଉଛି ଜୀବନ

ଇବଥର୍ମାଲ, ୩୦।୪ (ସମିସ): ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ରାଜ୍ୟର ଅନ୍ୟତମ ଶିଳ୍ପ ସହର ଝାରସୁଗୁଡ଼ାରେ ପରିସ୍ଥିତି ଦିନକୁ ଦିନ ଅସମ୍ଭାଳ ହେବାରେ ଲାଗିଛି। ଚଳିତ ସପ୍ତାହରେ ଝାରସୁଗୁଡ଼ା ରାଜ୍ୟର ସବୁଠୁ ଉତ୍ତପ୍ତ ଜିଲ୍ଲା ଭାବେ ଅଲୋଡ଼ା ରେକର୍ଡ କରିଛି। ଚଳିତ ବର୍ଷ ରାଜ୍ୟର ସର୍ବାଧିକ ତାପମାତ୍ରା (୪୫ଡିଗ୍ରୀ) ଝାରସୁଗୁଡ଼ାରେ ହିଁ ରେକର୍ଡ ହୋଇଛି। ଏଥିରୁ ଜିଲ୍ଲାର ସ୍ଥିତି କେତେ ଭୟାବହ, ତାହା ଅନୁମାନ କରାଯାଇପାରେ। ସହରାଞ୍ଚଳଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ପ୍ରଚଣ୍ଡ ତାତିରେ ଲୋକେ ଆଉଟୁପାଉଟୁ ହେଉଛନ୍ତି। ଆସନ୍ତା କିଛି ଦିନ ଜିଲ୍ଲାର ବିଭିନ୍ନ ସ୍ଥାନରେ କାଳବୈଶାଖୀ ଦେଖାଦେବ ବୋଲି ପାଣିପାଗ ବିଭାଗ ଆକଳନ କରିଥିଲେ ହେଁ ତାତି ଏତେ ବଢ଼ିଛି ଯେ ତାହା ଲୋକଙ୍କୁ ଆଶ୍ୱସ୍ତ ଦେବାରେ ସକ୍ଷମ ହେବ ନାହିଁ ବୋଲି କୁହାଯାଉଛି। ଏ ସମସ୍ୟା ଯେ ଖାଲି ଚଳିତବର୍ଷ ଦେଖାଦେଇଛି, ତାହା ନୁହେଁ। ପ୍ରତିବର୍ଷ ଏପରି ସ୍ଥିତି ଉପୁଜୁଛି। ଖରାଦିନ ଆସୁଆସୁ ଏଠାକାର ପାରଦ ୪୦ ଟପି ଯାଇଥାଏ।

ପରିବେଶବିତ୍‌ଙ୍କ କହିବା କଥା, ସୂର୍ଯ୍ୟଙ୍କ ପ୍ରକୋପ ସାଙ୍ଗକୁ ଅଞ୍ଚଳରେ ଥିବା ବିଭିନ୍ନ କଳ କାରଖାନା ଜିଲ୍ଲାର ତାପମାତ୍ରାକୁ ଅଧିକ ବୃଦ୍ଧି କରିଦେଉଛି। କଳକାରଖାନା ଚିମିନିରୁ ଅହରହ ଗରମ ବାୟୁ ଜିଲ୍ଲା ଓ ଆଖପାଖ ପରିବେଶକୁ ଅଧିକ ଜଟିଳ କରି ପକାଉଛି। ଏମ୍‌ସିଏଲ କୋଇଲା




ଖଣି, ଓପିଜିସି, ଜେଏସ୍‌ଡବ୍ଲ୍ୟୁ, ଟିଆରଏଲ କ୍ରୋସେକୀ ଭଳି ବଡ଼ବଡ଼ ଶିଳ୍ପ ସଂସ୍ଥା ସାଙ୍ଗକୁ ଛୋଟ କୋଲୱାସେରୀ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ଏବଂ ହଜାର ହଜାର ଛୋଟବଡ଼ ଯାନବାହନ ତାପମାତ୍ରା ବୃଦ୍ଧି କରିବାରେ ସହାୟକ ହେଉଛି। ଶିଳ୍ପାଞ୍ଚଳରେ କଂକ୍ରିଟ୍‌କରଣ ଯୋଗୁଁ ତାପମାତ୍ରା ବିକିରଣକୁ ମଧ୍ୟ ଏଥିରୁ ବାଦ୍ ଦିଆଯାଇନପାରେ। ଖାଲି ସେତିକି ନୁହେଁ, କୋଇଲା ଖଣିମାନଙ୍କରେ ନିଆଁ ଲାଗି କୋଇଲା ଜଳିବା ଏହି ସମସ୍ୟାକୁ ଆହୁରି ଜଟିଳ କରୁଛି।

ସ୍ଥିତି ଏମିତି ହେଉଛି ଯେ ଦିନ ୯ଟାରୁ ଝାଞ୍ଜି

- ଖଣି ଅଞ୍ଚଳରେ ଲୋକେ ଛଟପଟ
- ଦିନ ୧୦ରୁ ଅଘୋଷିତ କର୍ଫ୍ୟୁ
- ସହରଠାରୁ ଗାଁ, କୋଉଠି ବି ନିସ୍ତାର ନାହିଁ

ପବନ ଆରମ୍ଭ ହୋଇଯାଉଛି। ଦିନ ୧୦ଟା ପରେ ସହର ଓ ଗ୍ରାମାଞ୍ଚଳରେ ରାସ୍ତା ଜନଶୂନ୍ୟ ହୋଇଯାଉଛି। ଅଘୋଷିତ କର୍ଫ୍ୟୁ ଭଳି ପରିସ୍ଥିତି ସୃଷ୍ଟି ହେଉଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ତାତିରୁ ନିସ୍ତାର ମିଳୁନାହିଁ। ଝାରସୁଗୁଡ଼ା ଜିଲ୍ଲାସ୍ତରରେ ଯେଉଁ ତାପମାତ୍ରା ରେକର୍ଡ କରାଯାଉଛି, ତା'ଠୁ ଖଣି ଅଞ୍ଚଳ ତାପମାତ୍ରା ସବୁବେଳେ ଅଧିକ ରହୁଛି। ତା' ସାଙ୍ଗକୁ ପ୍ରବଳ ପାଉଁଶ ଗୁଣ୍ଡ ଉଡ଼ିବା ଦ୍ୱାରା ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଖଣି ଅଞ୍ଚଳ ଯୋଗୁଁ ଭୂତଳ ଜଳସ୍ତର ଗୁରୁତର ଭାବେ ପ୍ରଭାବିତ ହେଉଛି। ଭୂତଳ ଜଳ ରସାତଳଗାମୀ ହେବା ଏ ଅଞ୍ଚଳର ସାଧାରଣ ଅଭିଯୋଗ ହୋଇଥିବା ବେଳେ ଏବେ କୂଅ, ନଳକୂପ ଜଳ ହ୍ରାସ ପାଇବାରୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଚଣ୍ଡ ତାତି ଯୋଗୁଁ ଜିଲ୍ଲାରେ ପ୍ରବାହିତ ନଈନାଳ ବି ଶୁଖି ଗଲାଣି।

ଜଙ୍ଗଲ ସଂପଦ ଆଉ ନାହିଁ କହି କହିଲେ ଚଳେ। ଯେତିକି ଅଛି ସେଠାରେ ପାଣିର ଘୋର୍ ଅଭାବ। ବନ୍ୟଜନ୍ତୁ ପାଣି ଟିକେ ପାଇଁ ଡହଳବିକଳ ହେଉଥିବା ବେଳେ ରାସ୍ତାରେ ବୁଲୁଥିବା ଗାଈଗୋରୁ ତଥା ଗୃହପାଳିତ ପଶୁଙ୍କ ପାଇଁ ମଧ୍ୟ ପାଣି ଅଭାବ ଘଟୁଛି। ଶିଳ୍ପ ପ୍ରତିଷ୍ଠା ନାଁରେ ଯଦି ଜଙ୍ଗଲ ଓ ଜଳ ସଂପଦ ନଷ୍ଟ ହୁଏ, ତେବେ ଏ ଅଞ୍ଚଳ ଅଚିରେ ମରୁଭୂମି ପାଲଟିବ ବୋଲି ପରିବେଶବିତ୍ ଆଶଙ୍କା ପ୍ରକାଶ କରିଛନ୍ତି।

# ବିରଞ୍ଚି ନାୟକ ହତ୍ୟା ମାମଲାର ଦୋଷୀକୁ ଆଜୀବନ ଜେଲ୍

**ଭବାନୀପାଟଣା, ୩୦।୪(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ଥାନା ଅନ୍ତର୍ଗତ ପରଲସିଙ୍ଗା ଗାଁରେ ଗତ ୨୦୨୪ ରେ ହୋଇଥିବା ଏକ ଜଘନ୍ୟ ହତ୍ୟାକାଣ୍ଡ ମାମଲାର ରାୟ ଗୁରୁବାର ଦିନ ପ୍ରକାଶ ପାଇଛି। କଳାହାଣ୍ଡି ଜିଲ୍ଲା ଓ ଦୌରା ଜଜ୍ ଅନୁପ ରଞ୍ଜନ ପଟ୍ଟନାୟକ ମାମଲାର ୧୨ଟି ସାକ୍ଷ୍ୟ ଓ ୨୨ଟି ପ୍ରମାଣକୁ ଭିତ୍ତି କରି ଉକ୍ତ ଗ୍ରାମର ଜିତୁ ଗୌଡଙ୍କୁ ଦୋଷୀ ସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫୦ ହଜାର ଟଙ୍କା ଜରିମାନା କରିଛନ୍ତି।ଜରିମାନା ଅନାଦେୟ ହେଲେ ଆହୁରି ୬ ମାସ ଅଧିକ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ଉଲ୍ଲେଖ କରିଛନ୍ତି। ପ୍ରକାଶ ଯେ, ପରଲସିଙ୍ଗା ଗାଁର ବିରଞ୍ଚି ନାଏକ ଗତ ୨୦୨୪ ମସିହା ମେ ୧୨ ତାରିଖ ଅପରାହ୍ନରେ ଉକ୍ତ ଗ୍ରାମର ଅଭିଯୁକ୍ତ ଜିତୁଙ୍କୁ ଭେଟିବାକୁ ଯାଇଥିଲେ। ହେଲେ ସେଦିନ ଆଉ ଘରକୁ ଫେରି ନଥିଲେ। ତେବେ ତା ଆର ଦିନ ବିରଞ୍ଚିଙ୍କ ମୃତଦେହ ନର୍ଲା ଥାନା ଅନ୍ତର୍ଗତ ମଶାଣିବନ୍ଧ ନିକଟରୁ ମିଳିଥିଲା। ପୁଲିସ ତଦନ୍ତ ବେଳେ ଅଭିଯୁକ୍ତ ଜିତୁକୁ ସନ୍ଦେହ କରିଥିଲା। ପରବର୍ତ୍ତୀ ସମୟରେ ଅଭିଯୁକ୍ତ ଜିତୁ ବିରଞ୍ଚିଙ୍କ ହାତ, ଗୋଡ଼ ବାନ୍ଧି ବେକକୁ ଛୁରିରେ କାଟିଦେଇଥିବା ପୁଲିସ ଆଗରେ ସ୍ୱୀକାର କରିଥିଲା। ଚାକିରି କରିଦେବା ପାଇଁ ୧୦ ହଜାର ଟଙ୍କା ଜିତୁଙ୍କ ଠାରୁ ବିରଞ୍ଚି ନେଇଥିଲେ। ପୁଣି ୧୫ ହଜାର ଟଙ୍କା ବିରଞ୍ଚି ମାଗୁଥିଲେ। ଯାହାଫଳରେ ରାଗ ରଖି ବିରଞ୍ଚିଙ୍କୁ ହତ୍ୟା କରିଥିବା ଅଭିଯୁକ୍ତ ଜିତୁ ପ୍ରକାଶ କରିଛି। ଏହି ଘଟଣାରେ ପୁଲିସ ସେତେବେଳେ ଅଭିଯୁକ୍ତ ଜିତୁକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମାମଲାକୁ ସରକାରଙ୍କ ପକ୍ଷରୁ ପବ୍ଲିକ ପ୍ରସ୍ୟୁକୁଟର (ପିପି) ମନୋଜ କୁମାର ମେହେର ପରିଚାଳନା କରିଥିଲେ।

# ଲଳିତ ମହାପାତ୍ରଙ୍କ ପରଲୋକ

**ଭବାନୀପାଟଣା, ୩୦।୪ (ସମିସ):** ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନର ଅବସରପ୍ରାପ୍ତ ଲ୍ୟାବ ଆସିଷ୍ଟାଣ୍ଟ ଲଳିତ ମହାପାତ୍ର(୮୫) ବର୍ଷ ବୟସରେ ପରଲୋକ ଘଟିଛି।



ସେ ୧୯୯୯ ମସିହାରୁ ଅବସର ନେଇ ପିପଲନାଲାପଡ଼ାରେ ରହି ଆସୁଥିଲେ। ମଙ୍ଗଳବାର ଦିନ ତାଙ୍କ ହୃଦଘାତରେ ମୃତ୍ୟୁ ଘଟିଥିଲା। ତାଙ୍କର ଏକ ମାତ୍ର ପୁଅ ସତ୍ୟନାରାୟଣ ମହାପାତ୍ର ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁଖବର ପାଇ କରଣ ସମାଜ ସଭାପତି ପ୍ରଦୀପ ପଟ୍ଟନାୟକ, ସମ୍ପାଦକ ରାମ ଶଙ୍କର ଦାସ, ଶିବ ପଟ୍ଟନାୟକ, ଟୁଟୁ ପଟ୍ଟନାୟକ, ଜିତେନ୍ଦ୍ର ମହାନ୍ତି, ନରହରି ପଟ୍ଟନାୟକ, କ୍ଷେତ୍ର ପାଢ଼ୀ, ସତ୍ୟ ମାହାର୍, ଅଶୋକ ପାତ୍ର, ସୁରେଶ ରାଓ, ଅକ୍ଷୟ ସାହୁ, ପୂର୍ବତନ ମହାବିଦ୍ୟାଳୟ ଅଧ୍ୟକ୍ଷ ଲୋକନାଥ ସାହୁ, କ୍ଷୀତି ରଞ୍ଜନ ଦାଶ, ରାଜିନ୍ଦ୍ର ପଟ୍ଟନାୟକ, ଅଜୟ ଜେନା, ପ୍ରକାଶ ଦାସ, ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ ସମ୍ପାଦକ ଅକ୍ଷୟ ସାହୁ, ଅନୁପ ପଟ୍ଟନାୟକ ପ୍ରମୁଖ ବହୁତ ବ୍ୟକ୍ତି ବିଶେଷ ତାଙ୍କ ଶେଷକୃତ୍ୟରେ ସାମିଲ ହୋଇଥିଲେ।

## କେନ୍ଦୁପତ୍ର କର୍ମଚାରୀଙ୍କ ପେଟକୁ ଲାତ

# ଜୟପାଟଣାରେ ଗର୍ଜିଲେ ୧୨୩ କର୍ମଚାରୀ

**ଜୟପାଟଣା, ୩୦।୪(ସମିସ)**

କଳାହାଣ୍ଡି ଜିଲ୍ଲା ଲଡୁଗାଁ କେନ୍ଦୁପତ୍ର ରେଞ୍ଜ ଅଧୀନରେ ଥିବା ଜୟପାଟଣା କାର୍ଯ୍ୟାଳୟ ସମ୍ମୁଖରେ କର୍ମଚାରୀଙ୍କ ଅସନ୍ତୋଷର ନିଆଁ ଦେଖିବାକୁ ମିଳିଛି। ଦୀର୍ଘ ଦିନ ଧରି



ନିଜରହକ୍‌ପାଇଁଲଢେଇକରୁଥିବା୧୨୩ଜଣଋତୁକାଳୀନ କର୍ମଚାରୀ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ। ସମସ୍ୟା କେବଳ କର୍ମଚାରୀ ଛଟେଇରେ ସୀମିତ ନାହିଁ, ବରଂ ଏହା ପଛରେ ରହିଛି ଏକ ବଡ଼ ଧରଣର କେନ୍ଦୁପତ୍ର ଦୁର୍ନୀତି ଓ ରାଜସ୍ୱ ହରିଲୁଟ୍‌ର ଅଭିଯୋଗ। ସରକାରୀସ୍ତରରେ ୧୦୦ବିଡ଼ା ପତ୍ରକୁ ବୋନସ୍ ମିଶାଇ ୨୪୦ ଟଙ୍କା ମିଳୁଥିବା ବେଳେ ବେସରକାରୀ କମ୍ପାନୀମାନେ ସିଧାସଳଖ ୬୦୦ଟଙ୍କା ଦେଇ ପତ୍ର ତୋଳାଳିଙ୍କୁ ଆକୃଷ୍ଟ କରୁଛନ୍ତି।ପତ୍ର ଅଭାବରୁ ଜୟପାଟଣା, ରେଙ୍ଗାଲପାଲି, ପଣ୍ଡିଗାଁ ଓ ବିଜମରା ସେକ୍ସନର ୫୨ଟି ଫଡ଼ି ମଧ୍ୟରୁ ୫ଟି ସମ୍ପୂର୍ଣ୍ଣ ବନ୍ଦ ହୋଇଗଲାଣି। ଯାହାଫଳରେ ଶତାଧିକ କର୍ମଚାରୀ ବେକାର ହୋଇପଡ଼ିଛନ୍ତି।ବିନା କୌଣସି ବୈଧ ଜିଏସ୍‌ଟିରେ ବେଧଡକ ଭାବେ କେନ୍ଦୁପତ୍ର ଚାଲାଣ ହେଉଥିବାରୁ ସରକାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ହରାଉଛନ୍ତି।ଦଲାଲମାନେ ଗାଁ ଗାଁରେ ସକ୍ରିୟ ଥିବା ବେଳେ ଆମପାଣି, କନ୍ଦାଗଡ଼, ଘଣ୍ଟିଗୁଡା, ଧୋବେନଚଞ୍ଚରା, କନକପୁର, ଗୋଟୋମୁଣ୍ଡା, ପିପଲଖପର, କୁଳେରଗୁଡା, ବିଜମରା, ତୁମଡିଖୋଲ, ଲାଖବହାଲି ଓ ସିଲେଇଜୋର ଭଳି ଅନେକ ସ୍ଥାନରେ କମ୍ପାନୀମାନେ କେନ୍ଦୁପତ୍ର କିଣୁଛନ୍ତି।ହେଲେ ଜଙ୍ଗଲ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ସବୁ ଜାଣି ନଜାଣିଲା ପରି ରହିବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି।ସରକାର ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମଧ୍ୟ କ୍ରୟ କରିବାର ଯୋଜନା ପ୍ରସ୍ତୁତ କରିଥିଲେ କିନ୍ତୁ ସରକାରୀ ମୂଲ୍ୟ ବାଧକ ହେଉଛି।କେନ୍ଦୁପତ୍ରର ଉଚିତ ମୂଲ୍ୟ ଦେବା ସହ ବେସରକାରୀ କ୍ରୟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଧରଣାକାରୀ ଦାବି କରିଛନ୍ତି।ସେମାନେ ଏ ନେଇ ସ୍ଥାନୀୟ ବିଧାୟକ ଓ ବିଭାଗୀୟ ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରିଥିବା କହିଛନ୍ତି।ଯଦି ଦାବି ପୂରଣ ନହେବ ତେବେ ଆଗାମୀ ଦିନରେ।ଦାବି ପୂରଣ ନହେବାଯାଏଁ କର୍ମଚାରୀମାନେ ଧାରଣାରେ ରହିବେ ବୋଲି ସ୍ପଷ୍ଟ କରିଛନ୍ତି। ସରକାର କଣ ପଦକ୍ଷେପ ଗ୍ରହଣ କରୁଛନ୍ତି ତାହା ହିଁ ଦେଖିବାକୁ ବାକି ଅଛି।

# ତୁରକେଲ ସେତୁ ନିର୍ମାଣ ଦାବିରେ କଂଗ୍ରେସର ଧାରଣା ଜାରି

**ଭବାନୀପାଟଣା, ୩୦।୪(ସମିସ):** ତୁରକେଲ ତେଲ ନଦୀ ଉପରେ ବିପଦସଙ୍କୁଳ ଅବସ୍ଥାରେ ଥିବା ସେତୁ ନିର୍ମାଣ ଦାବୀରେ ଗତ ୨୭ ତାରିଖ ସୋମବାର ଠାରୁ ଚାରି ଦିନ ହେବ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇଛି।




ସଦର ବିଧାୟକ ସାଗର ଚରଣ ଦାସଙ୍କ ଆହ୍ୱାନ କ୍ରମେ କଂଗ୍ରେସ ସଭାପତି ଜଳନ୍ଧର ନାୟକଙ୍କ ନେତୃତ୍?ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଚାଲିବ। ଧାରଣାର ଚତୁର୍ଥ ଦିବସରେ ବିଧାୟକ ସାଗରଚରଣ ଦାସ ଉପସ୍ଥିତ ଥିଲେ। ପୂର୍ବତନ ବିଧାୟକ ତଥା ଜିଲ୍ଲା ସଭାପତି ଭାରତ ଭୂଷଣ ବେମାଲ, ବରିଷ୍ଠ କଂଗ୍ରେସ ନେତା ଉଚ୍ଛବ ସାହୁ ପୂର୍ବତନ ଜିଲ୍ଲା ସଭାପତି ଜୟଦେବ ନାୟକ, ଧନୁର୍ଦ୍ଧର ଗହୀର, ବ୍ରଜ ସାହୁ, ଶୃଙ୍ଖଳା କମିଟି ରାଜ୍ୟ ସଦସ୍ୟ ଇନ୍ଦ୍ରଜିତ୍ ମହାକୁଡ, ସୁଦର୍ଶନ ବିଶ୍ୱାଳ, ସାଧାରଣ ସମ୍ପାଦକ ନୀମାଞ୍ଚଳ ନାୟକ, ଗଣପତି ନାୟକ, ପୂର୍ବତନ ଟାଉନ ସଭାପତି ସିଦ୍ଧାର୍ଥ ନାୟକ, ଯୁବ ନେତା ମହମ୍ମଦ୍ ସାହେବ୍, ଜୁନାଗଡ଼ ବ୍ଲକ ସଭାପତି ଚିତରଞ୍ଜନ ନିଆଲ, ସଦର ବ୍ଲକ ସଭାପତି ସୁବାଷ ପ୍ରଧାନ, ଭାଗବତ୍ ଲାଲ, ବାବା ଖାନ ଲିଙ୍ଗରାଜ ନାୟକ, ଟାଉନ ସଭାପତି ସୁକାନ୍ତ ବିଶି, ମହିଳା ନେତ୍ରୀ ଦ୍ରୌପଦୀ ମାଝୀ, ମନ୍ଦାକିନି ବାଣୁଆ, ଶୁକାନ୍ତି ସରାଫ, ଗଣମାଧ୍ୟମ ସଂଯୋଜକ ସନ୍ତୋଷ ପ୍ରଧାନ ପ୍ରମୁଖ ସମେତ ଶତାଧିକ କଂଗ୍ରେସ କର୍ମୀ ଧାରଣାରେ ଅଂଶଗ୍ରହଣ କରିଥିଲେ।

# ଫରେଷ୍ଟ ଗାର୍ଡ ଜାଜ୍ଞସେନୀ ଖେତି ପୁରସ୍କୃତ

**କୋମନା, ୩୦।୪ (ସମିସ):** ସ୍ଥାନୀୟ ସଦଭାବନା ଗୃହଠାରେ ପକ୍ଷୀ ସଂରକ୍ଷଣ ଓ ସଚେତନତାକୁ ନେଇ 'ଏ ଡେ ଫର୍ ବାର୍ଡ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପରିବେଶ ସୁରକ୍ଷା ଓ ପକ୍ଷୀମାନଙ୍କ ପ୍ରତି ଥିବା ନିଷ୍ଠାପର କାର୍ଯ୍ୟ ପାଇଁ ଫରେଷ୍ଟ ଗାର୍ଡ ଯାଜ୍ଞସେନୀ ଖେତିଙ୍କୁ ସମ୍ମାନିତ କରାଯାଇଛି। ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାସ ଏବଂ ବନଖଣ୍ଡ ଅଧିକାରୀ ଅଜିଜ ଖାନ ଓ ଉପ ଜିଲ୍ଲାପାଳ ସୁରମୀ ସୋରେନ ପ୍ରମୁଖ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜ୍ଞସେନୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ପକ୍ଷୀ ଜଗତର ସୁରକ୍ଷା ପାଇଁ ଯୁବପିଢ଼ିଙ୍କ ଏଭଳି ପ୍ରୟାସ ଅନ୍ୟମାନଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ଓ ବନ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ରହି ପ୍ରକୃତି ସନ୍ତୁଳନ ରକ୍ଷା ଦିଗରେ ପକ୍ଷୀମାନଙ୍କ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସିନାପାଲି, ୩୦।୪(ସମିସ):** ସ୍ଥାନୀୟ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସତ୍ୟରୂପା ଯୋଶୀ ନିଜ ଚାକିରିଜୀବନରୁ ଆଜି ଅବସର ଗ୍ରହଣ କରିଛନ୍ତି। ଦୀର୍ଘ ଦିନ ସେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଦାୟିତ୍ୱରେ ରହି ସୂଚାରୁ ରୂପେ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ। ଜଣେ କର୍ତ୍ତବ୍ୟପରାୟଣା ଶିକ୍ଷୟିତ୍ରୀ ଭାବରେ ତାଙ୍କର ସୁନାମ ରହିଥିବା ବେଳେ ଆଜି ଭାବାବେଗ ପରିବେଶ ମଧ୍ୟରେ ତାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଲଳିତ କୁମାର ସୁନାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ମନୋରଞ୍ଜନ ମେହେର, ନିକୁଞ୍ଜ ବିହାରି ସା, ଶିକ୍ଷୟିତ୍ରୀ ପର୍ତିଶ୍ୱରୀ ପାତ୍ର ପ୍ରମୁଖ ବିଦାୟୀ ଶିକ୍ଷୟିତ୍ରୀ ସତ୍ୟରୂପା ଯୋଶୀଙ୍କ ଶିକ୍ଷା ପ୍ରତି ସମର୍ପଣ ଓ ତ୍ୟାଗପୂର୍ଣ୍ଣ ଜୀବନର ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ଶିକ୍ଷକ ମହେଶ କୁମାର ମେହେର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଲିଳାକର ସା ଧନ୍ୟବାଦ ଅର୍ପଣ କରିଥିଲେ।




# ଉପନିର୍ବାଚନ ସୁପରିଚାଳନା ପାଇଁ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**ନୂଆପଡ଼ା, ୩୦।୪ (ସମିସ):** ନୂଆପଡ଼ା ବିଧାନସଭା ମଣ୍ଡଳୀ-୭୧ ଉପନିର୍ବାଚନ୨୦୨୫କୁ ସୁଚାରୁ ଭାବେ ପରିଚାଳନା କରିଥିବା ଅଧିକାରୀଙ୍କୁ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ମଧୁସୂଦନ ଦାଶ ସ୍ଥାନୀୟ ସଦଭାବନା ସଭାଗୃହରେ ଆୟୋଜିତବିଶେଷ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରିଛନ୍ତି। ଜିଲ୍ଲାପାଳ ନିର୍ବାଚନ ପରିଚାଳନାରେ ଜଡିତ ପ୍ରତ୍ୟେକ ଅଧିକାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଉଚ୍ଚ ସ୍ୱରରେ ପ୍ରଶଂସା କରିଥିଲେ। ସ୍ୱଚ୍ଛ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ସମ୍ପନ୍ନ କରିବାରେ ସେମାନଙ୍କ ଅବଦାନକୁ ସେ ଅତ୍ୟନ୍ତ ସ୍ମରଣୀୟ ବୋଲି କହିଥିଲେ।ସଭାରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରଇତ, ଉପଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ପରିଷଦ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଏସ.କେ. ନସିମ ସହ ଜିଲ୍ଲା ସ୍ତରର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।ଉଲ୍ଲେଖଯୋଗ୍ୟ ଯେ, ନିର୍ବାଚନ ପରିଚାଳନାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ନୂଆପଡ଼ା ଜିଲ୍ଲା ପ୍ରଶାସନ ଜାତୀୟ ସ୍ତରରେ ମାନ୍ୟବର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ପୁରସ୍କାର ଲାଭ କରିଥିବା ସହ ରାଜ୍ୟ ସ୍ତରରେ ମଧ ସମ୍ମାନିତ ହୋଇଛି।

# ଭାଲୁ ଆକ୍ରମଣରେ ଚାଷୀଙ୍କ ମୃତ୍ୟୁ

**କୋକସରା, ୩୦।୪(ସମିସ):** ସାହାଜଖୋଲ ସଂରକ୍ଷିତ ଜଙ୍ଗଲରେ କାଠ ମାଫିଆଙ୍କ ଉତ୍ପାତ ଓ ପୋଡୁଚାଷ ପାଇଁ ମକା ମାଫିଆଙ୍କ ପାଇଁ ହାଜର ହଜାର ଗଛ କାଟି ପଦା ହେବାରେ ଲାଗିଛି। ଏଣେ ଶିକାରୀମାନଙ୍କ ପାଦୁର୍ଭାବ ଯୋଗୁଁ ବନ୍ୟଜନ୍ତୁମାନେ ହିଂସ୍ର ହେବାରେ ଲାଗିଛନ୍ତି। ଏଥିଯୋଗୁଁ ଜୀବନ ବିକଳରେ ଜଙ୍ଗଲ ଛାଡ଼ି ଗାଁ ମୁହାଁ ହେଉଛନ୍ତି ବନ୍ୟପ୍ରାଣୀ।



ଯାହାଫଳରେ ଅନେକ ଲୋକଙ୍କ ଧନ ଜୀବନ ନଷ୍ଟ ହେଉଛି। ବୁଧବାର କୋକସରା ଥାନା ଧଅଁରପୁର ପଞ୍ଚାୟତ ଭାଲୁଚୁଆଁ ଗ୍ରାମରେ ଜଣେ ଚାଷ ଜମିକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।ମୃତକ ଭାଲୁଚୁଆଁଗାଁର ଜୟରାମ ଜାଲ(୪୭)। ସେ' ବୁଧବାର ସକାଳୁ ସାହଜଖୋଲ ସଂରକ୍ଷିତ ଜଙ୍ଗଲ ନିକଟରେ ଥିବା ତାଙ୍କ ଚାଷ ଜମିକୁ ଯାଇଥିଲେ। ମଧ୍ୟାହ୍ନ ପରେ ମଧ ଜୟରାମ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜିବାକୁ ଯାଇଥିଲେ। ତେବେ ଚାଷଜମି ନିକଟରେ ତାଙ୍କ କ୍ଷତାକ୍ତ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଦେହ ସାରା ଭାଲୁ ଆକ୍ରମଣ କରିଥିବା ଅନେକ ଚିହ୍ନ ଦେଖି ପରିବାର ଲୋକେ ବେହେରା ବନ ବିଭାଗକୁ ଖବର ଦେବା ସହିତ କୋକସରା ଥାନାକୁ ମଧ୍ୟ ଜଣାଇଥିଲେ। କୋକସରା ଥାନା ପୁଲିସ ସମେତ ବନ ବିଭାଗ ପକ୍ଷରୁ ଧର୍ମଗଡ଼ ରେଞ୍ଜ ଅଫିସର ଭାବାନୀ ଶଙ୍କର କାଉଁର, ବେହେରା ବନପାଳ ରାଜେନ୍ଦ୍ର ନାଏକ ଓ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଥିଲେ। ସେଠାରେ ପୁଲିସ ଓ ବନ ବିଭାଗ ପକ୍ଷରୁ ପ୍ରାଥମିକ ତଦନ୍ତ ପରେ ଶବ ଜବତ କରାଯାଇଥିଲା। ବ୍ୟବଚ୍ଛେଦ ପାଇଁ କୋକସରା ମେଡ଼ିକାଲ କୁ ପଠାଇ ଦିଆଯାଇଥିଲା। ଗୁରୁବାର ଶବ ବ୍ୟବଚ୍ଛେଦ ହେବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟପଟେ ଭାଲୁ କିମ୍ବା ଅନ୍ୟ ବନ୍ୟଜନ୍ତୁ ଗତିବିଧି କରୁଥିବା ରାସ୍ତାରେ ବନ ବିଭାଗ ପକ୍ଷରୁ କୌଣସି ସତର୍କ ସୂଚନା ଦିଆଯାଉ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ମୃତକଙ୍କ ପରିବାରଲୋକଙ୍କୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହୋଇଛି। ଏ ବିଷୟରେ ବେହେରା ସେକ୍ସନ ଫରେଷ୍ଟର ରାଜେନ୍ଦ୍ର ନାଏକଙ୍କୁ ପଚାରିବାରୁ ତଦନ୍ତ ଜାରି ରହିଛି। ମୃତକଙ୍କ ପରିବାରକୁ ସରକାରୀ ହିସାବରେ ଯାହା ସହାୟତା ରହିଛି ଯୋଗେଇ ଦେବା ପାଇଁ ବ୍ୟବସ୍ଥା କରାଯିବ ବୋଲି ପ୍ରକାଶ କରିଛନ୍ତି।













# ସଂକୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ଉଦ୍‌ଯାପିତ



**ଭବାନୀପାଟଣା, ୩୦।୪ (ସମିସ):** ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କ ଦ୍ୱାରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବ୍ରଜବିହାର ଠାରେ ଗତ ୨୭ରୁ ଚାଲିଥିବା ସଂକୁଳସ୍ତରୀୟ ଆଚାର୍ଯ୍ୟ କର୍ମଶାଳା ଗୁରୁବାର ଉଦଯାପିତ ହୋଇଯାଇଛି। ସଂକୁଳ ସଂଯୋଜକ ତଥା ବର୍ଗ ପ୍ରମୁଖ ମନୋଜ କୁମାର ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ଭବାନୀପାଟଣା ସଂକୁଳ ଅନ୍ତର୍ଗତ ସେଁପୁର, ବୋର୍ଡା, କର୍ଲାପଡ଼ା, ପାଷ୍ଟିକୁଡ଼ି, ବିଶ୍ୱନାଥପୁର, ଥୁଆମୂଳ ରାମପୁର, ବୃନ୍ଦାବତୀବିହାର, ବାଲାଜୀବିହାର ଏବଂ ବ୍ରଜବିହାର ଶିଶୁ ମନ୍ଦିରର ୧୫୦ ଜଣ ଗୁରୁଜୀ ଗୁରୁମା ଯୋଗ ଦେଇଥିଲେ।କର୍ମଶାଳାରେ ଅଧିଗମ ପଞ୍ଚପଦୀ ଶିକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ଉଦ୍‌ଘାଟନ ଦିବସରେ ଅତିଥି ଭାବେ ଦୀନବନ୍ଧୁ ମୁଣ୍ଡ, ପ୍ରମୋଦ କୁମାର ପଣ୍ଡା, ସଂକୁଳ ପ୍ରମୁଖ ଅଶୋକ କୁମାର ସିଂ ଏବଂ ଉଦଯାପନୀ ଦିବସରେ ମୁଖ୍ୟ ଅତିଥି ମନ୍ମଥ ନାଥ ମିଶ୍ର ଭାରତୀୟ ସଂସ୍କୃତି ଉପରେ ଆଲୋକପାତ କରିଥିଲେ ଏବଂ ନକୁଳ ନାୟକ ଧନ୍ୟବାଦ ଦେଇଥିଲେ। ବିଭିନ୍ନ ବିଦ୍ୟାଳୟର ସମସ୍ତ ପ୍ରଧାନ ଆଚାର୍ଯ୍ୟ ଯଥା ଅଶୋକ କୁମାର ସାହୁ, ବିଶ୍ୱନାଥ ଠାକୁର, ଗଣେଶ ନାଏକ, ମାନସ କୁମାର ପ୍ରଧାନ, ଟିକଦେବ ସାହୁ, ବିଜୁ କୁମାର ସାହୁ, ମକରଧ୍ୱଜ ରଣା, ଜ୍ଞାନରଞ୍ଜନ ଦାଶ ପ୍ରମୁଖ ସହଯୋଗ କରିଥିଲେ।















ଜମି ଦେବା ନାଁରେ ଠକେଇ ଘଟଣା

# ଶିକ୍ଷୟିତ୍ରୀ, ସ୍ୱାମୀ ଓ ସହଯୋଗୀଙ୍କୁ ୭ ବର୍ଷ ଜେଲ

**ରାଉରକେଲା, ୩୦।୪ (ସମିସ):** ଜମି ଦେବା ନାଁରେ ଠକେଇ କରିବା ଅଭିଯୋଗରେ ଶିକ୍ଷୟିତ୍ରୀ, ସ୍ୱାମୀ ଓ ସହଯୋଗୀଙ୍କୁ ରାଉରକେଲା ଅତିରିକ୍ତ ମୁଖ୍ୟ ନ୍ୟାୟିକ ମାଜିଷ୍ଟ୍ରେଟ ଗୀତାଞ୍ଜଳି ନନ୍ଦ ୭ ବର୍ଷ ଜେଲ ଦଣ୍ଡ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି । ଏହା ସହିତ ୫ ହଜାର ଟଙ୍କା ଜରିମାନା ପାଇଁ ଆଦେଶ ଦେଇଛନ୍ତି । ସୂଚନା ମୁତାବକ ବାସନ୍ତୀ କଲୋନୀର ବିଶ୍ୱଭୂଷଣ ନନ୍ଦ ରିୟଲ ଇଷ୍ଟେଟ ବ୍ୟବସାୟ କରୁଥିବାବେଳେ କୋଏଲ ନଗରରେ ତାଙ୍କର କାର୍ଯ୍ୟାଳୟ ଅଛି । ୨୦୨୩ରେ ତାଙ୍କର ସମ୍ପର୍କୀୟ ଭଉଣୀଙ୍କ ଦ୍ୱାରା ଦୀପିକା ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ସିନ୍ଧୁ ଏସ ସହ ପରିଚିତ ହୋଇଥିଲେ । ପରେ ଶିକ୍ଷୟିତ୍ରୀ ରାକ୍ଷୀ ବାନ୍ଧି ଭାଇ ସମ୍ପର୍କ ସ୍ଥାପନ କରି ଶ୍ରୀନନ୍ଦଙ୍କ ପରିବାର ସହ ପରିଚିତ ହୋଇଥିଲେ । ଧୀରେ ଧୀରେ ବ୍ୟବସାୟ ବିଷୟରେ ଜାଣି ସ୍ୱାମୀ କମର ଖାନ ଓ ସହଯୋଗୀ ପ୍ରଦୀପ୍ତ ପଟ୍ଟନାୟକ ସହ ପରିଚିତ କରାଇ କେରଳରେ ଜମି କିଣିବାକୁ ପ୍ରବର୍ତ୍ତାଇ ଥିଲେ । ଅଳ୍ପ ଟଙ୍କାରେ ଜମି କ୍ରୟ କରି ଅଧିକ ଟଙ୍କାରେ ବିକ୍ରି ଆଳ ଦେଖାଇ ଥିଲେ । ଶ୍ରୀ ନନ୍ଦ ବିଶ୍ୱାସ କରି ୨ କୋଟି ୮୩ ଲକ୍ଷ ଟଙ୍କା ଆକାଉଣ୍ଟ ଜରିଆରେ ଦେଇଥିଲେ । ହେଲେ ଆଉ ଜମି ରେଜିଷ୍ଟ୍ରି ହୋଇନଥିଲା । ଏପରିକି ସେମାନେ ଆଉ ଧରଛୁଆଁ ଦେଇ ନଥିଲେ । ଟଙ୍କା ଫେରସ୍ତ କରିବାକୁ ଶ୍ରୀ ନନ୍ଦ ବାରମ୍ବାର କହିବା ପରେ ମିଛ କେସ ଫସାଇ ଦେବୁ କହିବା ସହ ଗୁଣ୍ଡା ଲଗାଇ ହତ୍ୟା କରିବାକୁ ଚେଷ୍ଟା କରିଥିଲେ । ଏନେଇ ୨୦୨୪ ଡିସେମ୍ବର ୬ ତାରିଖରେ ଶ୍ରୀ ନନ୍ଦ ଝିରପାଣି ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ୧୦ ଜଣ ସାକ୍ଷୀ ବୟାନ ଓ ବ୍ୟାଙ୍କ କାଗଜପତ୍ର ତର୍ଜମା କରି ବିଚାରପତି ଦୋଷୀ ସାବ୍ୟସ୍ତ କରିଥିଲେ । ଜରିମାନା ଅନାଦେୟ ହେଲେ ଅଧିକ ୬ ମାସ କାରାବାସ । ସେହିପରି ୫୦୬ ଧାରାରେ ୨ ବର୍ଷ ଜେଲ ଓ ୫ ହଜାର ଟଙ୍କା ଜରିମାନା । ଅନାଦେୟ ହେଲେ ଅଧିକ ୩ ମାସ ଜେଲ ଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି । ମାମଲାକୁ ସରକାର ପକ୍ଷରୁ ଆଇନଜୀବୀ ପ୍ରଶାନ୍ତ ମହାରଣା ଓ ଉଦ୍ଧବ ସିଂ ପରିଚାଳନା କରିଥିଲେ । ଅଭିଯୋଗକାରୀ ପକ୍ଷରୁ ଅକ୍ଷୟ ସାହୁ ଓ ପ୍ରଶାନ୍ତ କୁମାର ସେନାପତି ସହଯୋଗ କରିଥିଲେ ।

# ବାୟୋମେଟ୍ରିକ ମେସିନ୍ ଲଗାଇବା ବିରୋଧରେ ବିକ୍ଷୋଭ

**ରାଉରକେଲା, ୩୦।୪(ସମିସ):** ରାଉରକେଲା ଇସ୍ପାତ କାରଖାନାର ମୁଖ୍ୟ ଫାଟକରେ ଆରଏସପି କର୍ତ୍ତୃପକ୍ଷଙ୍କ ପକ୍ଷରୁ ଗତ ୨୪ ତାରିଖରେ ବାୟୋମେଟ୍ରିକ ମେସିନ୍ ଲଗାଯାଇଥିଲା । ଏହାର ପ୍ରତିବାଦରେ ଭାରତୀୟ ମଜଦୁର ସଂଘର ଇସ୍ପାତ ସହ ଉଦ୍ୟୋଗ ପ୍ରଭାରୀ ହିମାଂଶୁ ଶେଖର ବଳଙ୍କ ନେତୃତ୍ୱରେ ରାଉରକେଲା ଇସ୍ପାତ କାରଖାନା କର୍ମଚାରୀ ସଂଘ (ଆରଆଇକେକେଏସ)ର ଏକ ବିଶାଳ ଗଣବିକ୍ଷୋଭ ଆୟୋଜନ କରାଯାଇଥିଲା । ବାୟୋମେଟ୍ରିକ ମେସିନ ତୁରନ୍ତ ଉଚ୍ଛେଦ କରିବା ଦାବିରେ ଗତ ୨୫ ତାରିଖରେ ଆରଆଇକେକେଏସ୍ ତରଫରୁ ଏକ ଦାବିପତ୍ର ଆରଏସପି ଡିଆଇସିଙ୍କୁ ଦିଆଯାଇଥିଲା । ବାୟୋମେଟ୍ରିକ୍ ମେସିନ ସ୍ଥାପନ ପରିବର୍ତ୍ତେ ବର୍ଣ୍ଣ ଟାଉନ ଇଞ୍ଜିନିୟରିଂ ଏବଂ ଆଇଜିଏଚର ବିକାଶ ବେଶୀ ଆବଶ୍ୟକତା ରହିଛି ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି । କେବଳ ସେତିକି ନୁହେଁ ବର୍ଷବର୍ଷ ଧରି ଆରଏସପି କ୍ୱାର୍ଟର୍ସ ମରାମତି ନ ହୋଇ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ସହରର ଅଧିକାଂଶ କ୍ୱାର୍ଟର୍ସର ଛାତରୁ ପାଣି ଗଳୁଥିବାବେଳେ ପିଚୁପାଲ ପକାଯାଉ ନାହିଁ । ଆଇଜିଏଚର ଅବସ୍ଥା ବଡ଼ ସଙ୍କଟାପନ୍ନ । ଅର୍ଥ ବଞ୍ଚାଇବା ନାମରେ ଶ୍ରମିକର ରେଫରାଲ କେବଳ ଏମ୍ସ ଭୁବନେଶ୍ୱର ଏବଂ କଟକ ବଡ ମେଡିକାଲକୁ କରାଯାଉଛି । କିନ୍ତୁ ଅଫିସର ମାନଙ୍କୁ ବଡ କର୍ପୋରେଟେ ହସ୍ପିଟାଲକୁ ରେଫରାଲ ମିଳିଯାଉଛି । ବିଗତ ଆର୍ଥିକ ବର୍ଷରେ ଶ୍ରମିକ ମାନଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଟାର୍ଗେଟର ୯୩ ପ୍ରତିଶତ ଲକ୍ଷ ହାସଲ ହୋଇ ପାରିଥିବା ବେଳେ ଆରଏସପି ପାଖାପାଖି ୫୦୦ କୋଟି ଲାଭ କରିବାର ସମ୍ଭାବନା ଅଛି । ଏତେ ଲାଭ ପରେ ୩୯ ମାସର ଏରିୟର ମିଳିବ ବୋଲି ଶ୍ରମିକମାନେ ଆଶା କରିଥିଲେ । କିନ୍ତୁ ଶ୍ରମିକମାନଙ୍କ ସବୁ ଆଶା ମଉଳି ଯିବା ସହ ବାୟୋମେଟ୍ରିକ ମେସିନ ସ୍ଥାପନ ବୋଝ ଉପରେ ନଳିତା ବିଡା ସଦୃଶ ବୋଲି ଅଭିଯୋଗ କରାଯାଇଛି । ଏହି ବିକ୍ଷୋଭରେ ରାଜେନ୍ଦ୍ର ନାଥ ମହନ୍ତ, ସୁରେନ୍ଦ୍ର କଂସାରୀ, ସମିତା ମିଶ୍ର, ରିତା ସ୍ୱାଇଁ, ଅନୁଆରୀ ବେଗମ, ବିପେନ ଶର୍ମା, ଚନ୍ଦ୍ରିକା ଲାକ୍ରା, କମଳା ଧାରୁଆ, ତ୍ରିଲୋଚନ ନାୟକ, ସଞ୍ଜୀବ ପତି, ସତ୍ୟାନନ୍ଦ ଦାସ, ରାଜେଶ ଦାସ, ମାନସ ଦାସ, ଜନକର ସେଠୀ, ଉମାକାନ୍ତ ସାମଲ, ପ୍ରଦୀପ ସାହୁ, ବେନେଡିକ ତିର୍କି, ଅକ୍ଷୟଧଳ, ଲଳିତ ସୁନ୍ଦର ଜେନା, ଅମର ଭୂୟାଁ, ଅମର ଫୈସଲ, ସୁରଜ ସରାଫ, ନିରଞ୍ଜନ ପଟେଲ, ଅଜିତ ପୃଷ୍ଟି, ପିନାକୀ ମହାନ୍ତି, ଦୀପକ କୁମାର, ସୁଶୀଲ ସେଠୀ, ଶ୍ରୀଧର ବିନ୍ଧାଣି, ସମର ମହନ୍ତ, ଶ୍ରୀଧର ବେହେରା, ଜୟପ୍ରକାଶ ସ୍ୱାଇଁ, ଅଜୟ ପାତ୍ର, ପ୍ରବୀର ସ୍ୱାଇଁ, ତ୍ରୈଲୋକ୍ୟ ବେହେରା, ପ୍ରେମାନନ୍ଦ ସାହୁ, ପ୍ରିୟବ୍ରତ ଜେନା, ଦୁର୍ଗା ସାହୁ, ସରୋଜ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇସିଏସଇ ଓ ସିଏସ୍ଇ ପରୀକ୍ଷାରେ ବିଭିନ୍ନ ସ୍କୁଲର ସଫଳତା

## ୧୦ମରେ ଆୟମ ଓ ଦ୍ୱାଦଶରେ ଶୁଭଶ୍ରୀ ସ୍କୁଲ୍ ଟପ୍ପର

**ରାଉରକେଲା, ୩୦।୪(ସମିସ):** ଆଇସିଏସଇ ଦଶମ ଶ୍ରେଣୀ ଏବଂ ଆଇଏସଇ ୧୨ ଦ୍ୱାଦଶ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି । ଏଥିରେ ହମିରପୁରସ୍ଥିତ ସେଣ୍ଟ ପଲ୍ସ ସ୍କୁଲର ଛାତ୍ରଛାତ୍ରୀମାନେ ବେଶ୍ ସଫଳତା ହାସଲ







କରିଛନ୍ତି । ଚଳିତବର୍ଷ ୧୦ମ ଶ୍ରେଣୀରେ ମୋଟ୍ ୧୬୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସ୍କୁଲ ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବାବେଳେ ୬୧ ଜଣ ୯୦ ପ୍ରତିଶତ ଉପରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରୁ ଆୟମ ଗୁପ୍ତା ଶତକଡ଼ା ୯୯. ୨୦ ନମ୍ବର ରଖି ପ୍ରଥମସ୍ଥାନ ଅଧିକାର କରିଥିବାବେଳେ ବି. ଲକ୍ଷ୍ମୀ ପାତ୍ର, ଆର୍ଯ୍ୟନ ସ୍ୱାଇଁ, ଆଦ୍ରିକ ଦତ୍ତ, ଦ୍ରିଷ୍ଟି ଅଗ୍ରୱାଲ ଓ ମନିଷ ରଞ୍ଜନ କର ୯୮. ୬୦ ନମ୍ବର ରଖି ଦ୍ୱିତୀୟ ଏବଂ ବଂଶ ଅଗ୍ରୱାଲ, ଅହର୍ଷି ବସୁ ୯୮. ୪୦ ନମ୍ବର ରଖି ତୃତୀୟ, ଅକ୍ଷତ କୁମାର, ପୂର୍ବୀ ଗୁପ୍ତା ୯୮.୨୦ ନମ୍ବର ରଖି ଚତୁର୍ଥ, ଦେବାଂଶୀ ଦେବିସ୍ମିତା ୯୮.୦ ନମ୍ବର ରଖି ୫ମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ମୋଟ ୧୬୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬୧ ଜଣ ଶତକଡା ୯୦ ଭାଗରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି । ୪୧ ଜଣ ପରୀକ୍ଷାର୍ଥୀ ଶତକଡ଼ା ୮୦ ଭାଗରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି । ୨୮ ଜଣ ଛାତ୍ର ଶତକଡ଼ା ୭୦ ଭାଗରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି । ସେହିପରି ୨୦ ଜଣ ଛାତ୍ର ଶତକଡ଼ା ୬୦ ଭାଗରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ୧୦ ଜଣ ଛାତ୍ର ଶତକଡ଼ା ୫୫ରୁ ୫୯ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ସମସ୍ତ ପରୀକ୍ଷାର୍ଥୀ ଦଶମ ଶ୍ରେଣୀ ପରୀକ୍ଷା ପାସ କରିଛନ୍ତି । ସେହିପରି ଆଇଏସଇ ଦ୍ୱାଦାଶ ପରୀକ୍ଷାରେ ମୋଟ ୭୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସ୍କୁଲର ଶତ ପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୧୬ ଜଣ ୯୦ ପ୍ରତିଶତ ଉପରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରୁ ଶୁଭଶ୍ରୀ ଖଡ୍ଗରାୟ ଶତକଡା ୯୭. ୨୫ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜ୍ଞାନତୋଷ ସାହୁ ୯୭. ୦ ନମ୍ବର ରଖି ଦ୍ୱିତୀୟ ଏବଂ ଆଦିୟନ୍ତ ଲାହିରି ଓ ଆୟୁଷ ଅମନ ସାହୁ ୯୬. ୫୦ ନମ୍ବର ରଖି ଯୁଗ୍ମ ତୃତୀୟ, ଅଭିନବ ଉମଙ୍ଗ ୯୫.୫୦ ନମ୍ବର ରଖି ଚତୁର୍ଥ, ସ୍ମିତ କୌର ୯୫.୨୫ ନମ୍ବର ରଖି ୫ମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ସେହିପରି ରୀତିକା ନାୟକ ୯୫.୦, କାମର୍ନ ବାର୍ଲା ୯୪.୭୫, ଶ୍ରୀୟମ ଦାସଗୁପ୍ତା ୯୪.୭୫, ସତ୍ୟମ ସାମନ୍ତରାୟ ୯୬.୭୫, ଆବୁ ଆୟନ ୯୪.୫୦, ଅର୍ମାନ କୁଜୁର ୯୪.୫୯ ପ୍ରତିଶତ ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି । ମୋଟ ୭୧ ଜଣ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରୁ ୧୬ ଜଣ ଶତକଡ଼ା ୯୦ ଭାଗରୁ ଅଧିକ ନମ୍ବର ରଖି ପାସ କରିଛନ୍ତି । ୧୯ ଜଣ ପରୀକ୍ଷାର୍ଥୀ ଶତକଡା ୮୦ ଭାଗରୁ ଅଧିକ ନମ୍ବର ରଖି ପାସ କରିଛନ୍ତି । ୨୦ ଜଣ ଛାତ୍ର ଶତକଡା ୭୦ ଭାଗରୁ ଅଧିକ ନମ୍ବର ରଖି ପାସ୍ କରିଛନ୍ତି । ସେହିପରି ୧୪ ଜଣ ଛାତ୍ର ଶତକଡା ୬୦ ଭାଗରୁ ଅଧିକ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ୨ ଜଣ ଛାତ୍ର ଶତକଡା ୫୫ରୁ ୫୯ ଭାଗ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି । ସ୍କୁଲ ଅଧ୍ୟକ୍ଷ ଫାଦର୍ ଏସ୍.ଯୋଶେଫ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି ।

## ପ୍ରଗତି ସ୍କୁଲ: ୧୦ମରେ ତପୋରାଜ ସାମଲ ସ୍କୁଲ୍ ଟପ୍ପର

ଆଇସିଏସଇ ଦଶମ ଶ୍ରେଣୀ ଏବଂ ଆଇଏସଇ ୧୨ଶ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଥିବା ବେଳେ ସେକ୍ଟର - ୨୨ ସ୍ଥିତ ପ୍ରଗତି ସ୍କୁଲର ଛାତ୍ରଛାତ୍ରୀମାନେ ବେଶ୍ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ୧୦ ଶ୍ରେଣୀରେ ମୋଟ ୫୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲଲା ବେଳେ ୫୫ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି । ସେଥିମଧ୍ୟରୁ ତପୋରାଜ ସାମଲ ଶତକଡା ୯୫. ୭୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରଶ୍ମିତା ଗିରି ୯୩. ୭୦ ନମ୍ବର ରଖି ଦ୍ୱିତୀୟ ଏବଂ ଗୌତମ ନାୟକ ୯୧. ୫୬ ନମ୍ବର ରଖି ତୃତୀୟ, ଅକ୍ଷତ କୁମାର, ଦିବ୍ୟାଂଶୁ କୁମାର ପଶାୟତ ୮୮.୮୦ ନମ୍ବର ରଖି ଚତୁର୍ଥ, ସିଜଲ ବିଶ୍ୱାଳ ଓ ସ୍ୱାତୀ ସାଗରିକା ସାହୁ ୮୬.୭୦ ନମ୍ବର ରଖି ଯୁଗ୍ମ ୫ମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ସେହିପରି ଈପ୍ସିତା ପାଢ଼ୀ ୮୬.୨୦, ସୋନାଲି ମୁଣ୍ଡା ୮୬.୧୦, ଅନୁଷ୍କା ରାୟ ୮୪.୪, ବନ୍ଦନା ରାୟ ୮୩.୧ ଏବଂ ମୁକୁଲଦେବ ମହାନନ୍ଦ ୮୨.୯୦ ପ୍ରତିଶତ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । "ପ୍ରଗତି ସ୍କୁଲର ଅଧକ୍ଷା ବିଶ୍ୱକଲ୍ୟାଣୀ ଦାସ ସମସ୍ତ ପରୀକ୍ଷାର୍ଥୀ ତଥା ସମସ୍ତ ଶିକ୍ଷା ଶିକ୍ଷୟିତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

## ଏମଜିଏମ୍ ସ୍କୁଲ : ୧୦ମରେ ସନ୍ଧ୍ୟାରାଣୀ ଓ ଦ୍ୱାଦଶରେ ବାନେ ସ୍କୁଲ ଟପ୍ପର

ଆଇସିଏସଇ ଦଶମ ଶ୍ରେଣୀ ଏବଂ ଆଇଏସଇ ଦ୍ୱାଦଶ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି ।ଏଥିରେ ଜଗଦା ସ୍ଥିତ ଏମ୍‌ଜିଏମ୍ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରିଛନ୍ତି । ଚଳିତ ବର୍ଷ ୧୦ ଶ୍ରେଣୀରେ ମୋଟ ୮୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲା ବେଳେ ୮୨ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେଥିମଧ୍ୟରୁ ସଧ୍ୟାରାଣୀ ମାହାନ୍ତ ଶତକଡା ୯୫. ୪୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଆଶୁତୋଷ ମାଝୀ, ପ୍ରିୟଙ୍କା ପାତ୍ର ଏବଂ ସୁମିତ ଦାସ ୯୩. ୮୦ ନମ୍ବର ରଖି ଦ୍ୱିତୀୟ ଏବଂ ଅଙ୍କିତା ସାହୁ ୯୩ . ୪୦ ନମ୍ବର ରଖି ତୃତୀୟ, ଭାସ୍କର ମୁଣ୍ଡାରୀ ୯୩.୦ ନମ୍ବର ରଖି ଚତୁର୍ଥ, କିମ୍ କିରୋ ୯୧.୪୦ ନମ୍ବର ରଖି ୫ମ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ସେହିପରି ଆଇଏସଇ ଦ୍ୱାଦଶ ପରୀକ୍ଷାରେ ମୋଟ ୯୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ । ସ୍କୁଲର ଶତପ୍ରତିଶତ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ୫ ଜଣ ୯୦ ପ୍ରତିଶତ ଉପରେ ମାର୍କ ରଖି କୃତକାର୍ଯ୍ୟ ହୋଇଛନ୍ତି । ସେଥିମଧ୍ୟରୁ ବନୀ ରାଠୋର ଶତକଡା ୯୬. ୫୦ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୋନମ ସିଂହ ୯୬. ୨୫ ନମ୍ବର ରଖି ଦ୍ୱିତୀୟ ଏବଂ



ଶୁଭ୍ରାଂଶୁ ଦାସ ୯୬. ୦୦ ନମ୍ବର ରଖି ତୃତୀୟ, ସାର୍ଥକ ପଟ୍ଟନାୟକ ୯୧.୫୦ ନମ୍ବର ରଖି ଚତୁର୍ଥ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି । ସେହିପରି ୧୨ଶ ବାଣିଜ୍ୟରେ ଆୟନ ଅବତାବ ଆଲାମ ୯୧.୭୫ ପ୍ରତିଶତ ମାର୍କ ରଖି ପ୍ରଥମ, ଅଭିଷେକ କୁମାର ଶର୍ମା ୮୯.୭୫ ରଖି ଦ୍ୱିତୀୟ ଏବଂ ପି. ରାଜଶ୍ରୀ ୮୪.୫୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାଡ଼ିଛି । ସେହିପରି ୧୨ଶ କଳାରେ ସ୍ୱର୍ଣ୍ଣପ୍ରଭା ଶତପଥୀ ୮୭.୭୫ ପ୍ରତିଶତ ମାର୍କ ରଖି ପ୍ରଥମ, ଅରଫିନ୍ ନିଶା ୮୬.୨୫ ରଖି ଦ୍ୱିତୀୟ ଏବଂ ମେନାଲ ଆକଡ୍ୟୁସ ୮୫. ୦ ପ୍ରତିଶତ ମାର୍କ ରଖି ତୃତୀୟ ସ୍ଥାନ ଅଧିକାର କରିଥିବା ଜଣାପଡ଼ିଛି ।

## ସେଣ୍ଟ ଯୋଶେଫ ସ୍କୁଲ୍

**ବଣାଇଁ :** ବଣାଇଁ ଚର୍ଚ୍ଚ ଛକ ନିକଟରେ ଥିବା ସେଣ୍ଟ ଯୋଶେଫ୍ କନ୍‌ଭେଟ ସ୍କୁଲର ଛାତ୍ରଛାତ୍ରୀମାନେ ଚଳିତ ବର୍ଷ ମାଟ୍ରିକରେ ପରୀକ୍ଷାରେ ଆଶାନୁରୂପ ମାର୍କ ରଖି ସଫଳତା ହାସଲ କରିଛନ୍ତି । ବିଦ୍ୟାଳୟର ଏମ୍‌ଡି ସରଫ୍ରାଜ୍ ୯୨% ମାର୍କ ରଖି ସ୍କୁଲର ଟପ୍ପର ହୋଇଥିବାବେଳେ ମହମ୍ମଦ ଓଏସ ୮୫% ଦିତୀୟ ଏବଂ ଏସ ରୂପାଲି ବାଗ ୮୩.୪% ପ୍ରତିଶତ ମାର୍କ ରଖି





ସ୍କୁଲର ତୃତୀୟ ଟପ୍ପର ହୋଇଛନ୍ତି । ସେହିପରି ଭାବେ ସ୍କୁଲର ୨୧ ଜଣ ଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ସମସ୍ତେ ସଫଳତା ହାସଲ କରିଛନ୍ତି । ଏହା ସ୍କୁଲ ପାଇଁ ଏକ ଗର୍ବର ବିଷୟ ହୋଇ ପାରିଛି । ସଫଳତାର ହାର ଦେଖି ବିଦ୍ୟାଳୟର ଅଧକ୍ଷା ସିଷ୍ଟର ସନ୍ଧ୍ୟା ରାଣୀ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସମସ୍ତ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

ଆର୍‌ଏସ୍‌ପି ସମ୍ପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ

# ୬ ମାସ ପାଇଁ ବିସ୍ଥାପିତଙ୍କୁ ସେକ୍ଟର - ୨୨ ଇ-ବ୍ଲକ୍‌ରେ ଆଶ୍ରୟ

**ରାଉରକେଲା, ୩୦।୪(ସମିସ)**

ରାଉରକେଲା ଇସ୍ପାତ କାରଖାନାର ସମ୍ପ୍ରସାରଣ କାର୍ଯ୍ୟପାଇଁ ଜମି ଚିହ୍ନଟ ଓ ଅଧିଗ୍ରହଣ ପ୍ରକ୍ରିୟା ଦ୍ରୁତ ଗତିରେ ଚାଲିଥିବାବେଳେ ବରକାନି, ବିଜୁବନ୍ଧ ଅଞ୍ଚଳରେ ବିସ୍ଥାପିତ ହେବାକୁ ଥିବା ୩୦୦ ପରିବାରଙ୍କୁ ସମ୍ପ୍ରତି ଆର୍‌ଏସ୍‌ପିର ସେକ୍ଟର-୨୨ ଇ-ବ୍ଲକ କ୍ୱାର୍ଟର୍ସରେ ୬ ମାସ ପାଇଁ ଆଶ୍ରୟ ଦିଆଯିବ । ଏହି ସମୟ ମଧ୍ୟରେ ସେମାନଙ୍କୁ ଦେଓଗାଁ ଠାରେ ଦିଆଯାଉଥିବା ଜମିରେ ଗୃହନିର୍ମାଣ କରିବେ । ସେଠାରେ ଆର୍‌ଏସ୍‌ପି ପକ୍ଷରୁ ଚିହ୍ନଟ ଜମିକୁ ସମତଳ କରାଯାଇ ରାସ୍ତା, ଡ୍ରେନ, ଆଲୁଅ, ପାନୀୟ ବ୍ୟବସ୍ଥା ଆଦି ପ୍ରସ୍ତୁତ କରାଯିବ ବୋଲି ସୂଚନା ମିଳିଛି । ଉଲ୍ଲେଖଯୋଗ୍ୟ ଯେ ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି ) ୧୯୫୦ ଦଶକର ଶେଷ ଭାଗରେ ସୁନ୍ଦରଗଡ଼ ଜିଲ୍ଲାର ପାହାଡ଼ି ଅଞ୍ଚଳରେ ପ୍ରତିଷ୍ଠିତ ହୋଇ ନବଜାତ ଗଣରାଜ୍ୟ ଭାରତର ଶିଳ୍ପ ମାନଚିତ୍ରକୁ ପୁନଃ ପରିଭାଷିତ କରିଥିଲା, ଯାହାକି ପ୍ରଗତି ଓ ରାଷ୍ଟ୍ର ନିର୍ମାଣ ପଥରେ ଛଅ ଦଶନ୍ଧି ଅତିକ୍ରମ କରିଛି । ସୂଚନାଯୋଗ୍ୟ ଯେ ସମ୍ପ୍ରତି ଆରଏସପିରେ ପ୍ରାୟ ୧୨ ୦୦୦ ପ୍ରତ୍ୟକ୍ଷ ଏବଂ ୧୨ ୦୦୦ ପରୋକ୍ଷ କର୍ମଜୀବୀ ଅଛନ୍ତି । ଏହାର ନିୟମିତ କର୍ମଚାରୀଙ୍କ ମଧ୍ୟରୁ ୮୭ ପ୍ରତିଶତରୁ ଅଧିକ ବ୍ୟକ୍ତି ଓଡ଼ିଶା ରାଜ୍ୟର, ଯେତେବେଳେ ମୋଟ ନିୟମିତ କର୍ମଚାରୀଙ୍କ ୨୮ ପ୍ରତିଶତ ସୁନ୍ଦରଗଡ଼ ଜିଲ୍ଲାର ଅଧିବାସୀ । ଭାରୀ ଶିଳ୍ପ ଜଗତରେ କୌଣସି ଇସ୍ପାତ କାରଖାନା ଏକ ଶକ୍ତିଶାଳୀ ୧: ୧୦ ଗୁଣାତ୍ମକ ପ୍ରଭାବ ବହନ କରେ, ଯାହାର ଅର୍ଥ ହେଉଛି ପ୍ଲାଣ୍ଟରେ କାମ କରୁଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସହିତ ଅନ୍ୟ ଆନୁଷଙ୍ଗିକ କ୍ଷେତ୍ରରେ ଦଶ ଜଣ ବ୍ୟକ୍ତି ପରୋକ୍ଷରେ କର୍ମସଂସ୍ଥାନ ପାଇଥାନ୍ତି । ଆର୍‌ଏସ୍‌ପି ସର୍ବଦା ଏହାର ଆଖପାଖ ଅଞ୍ଚଳର ଉନ୍ନତି ପାଇଁ ପ୍ରତିଶ୍ରୁତିବଦ୍ଧ ଏବଂ ଏହି ପ୍ରତିବଦ୍ଧତା ସମୟ ସହିତ ଆହୁରି ଗଭୀର ହୋଇଛି । ଗତ ପାଞ୍ଚବର୍ଷ ମଧ୍ୟରେ ଇସ୍ପାତ କାରଖାନା ଦ୍ୱାରା ଏହାର କର୍ପୋରେଟ ସାମାଜିକ ଦାୟିତ୍ୱ ଅଧୀନରେ ସ୍ୱାସ୍ଥ୍ୟ, ଶିକ୍ଷା, ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ, ଭିତ୍ତିଭୂମି, କ୍ରୀଡ଼ା ଓ ସଂସ୍କୃତି ଇତ୍ୟାଦି କ୍ଷେତ୍ରରେ ପ୍ରାୟ ୮୦ କୋଟି



ଟଙ୍କା ବ୍ୟୟ କରାଯାଇଛି । ଆର୍‌ଏସ୍‌ପି ଉପରେ ମାତ୍ର ଶିଳ୍ପ ଭାବରେ ନିର୍ଭର କରି, ସ୍ଥାନୀୟ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ (ଏମଏସଏମ୍‌ଇ) ଗୁଡ଼ିକ ମଧ୍ୟ ଏକକାଳୀନ ଉନ୍ନତି କରିଛନ୍ତି । ଏକ ବିଶାଳ ବନୀକରଣ ପଦକ୍ଷେପ ମାଧ୍ୟମରେ କାରଖାନା ୫୨ ଲକ୍ଷରୁ ଅଧିକ ଗଛ ରୋପଣ ମଧ୍ୟ କରିଛି । ଏହି ଯୋଜନା ଅନୁଯାୟୀ କାରଖାନା ନିଜର ଉତ୍ପାଦନ କ୍ଷମତାକୁ ବିସ୍ତାର ଏବଂ ଦ୍ୱିଗୁଣିତ କରିବ ଏବଂ ବର୍ତ୍ତମାନର ୪.୬୫ ନିୟୁତ ଟନ୍ ବାର୍ଷିକ ରୁ ୯.୮ ନିୟୁତ ଟନ୍‌କୁ ବୃଦ୍ଧି କରିବ । ଗ୍ରୀନଫିଲ୍ଡ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଆର୍‌ଏସ୍‌ପି ସଂଲଗ୍ନ ୧୨୦୦ ଏକର ନିଜସ୍ୱ ଜମି ବ୍ୟବହାର କରିବ । ଏହି ଜମି ରାଉରକେଲା ଇସ୍ପାତ କାରଖାନା ଅଧୀନରେ ଅଛି କିନ୍ତୁ ସମୟ ସହିତ ଏହି ସ୍ଥାନରେ ବିଭିନ୍ନ ଜବରଦଖଲ ଦେଖାଦେଇଛି । ଏକ ସମ୍ବେଦନଶୀଳ ଅନୁଷ୍ଠାନ ରୂପେ ଆରଏସପି ବର୍ତ୍ତମାନ ଜମିରେ ରହୁଥିବା ପରିବାରଗୁଡ଼ିକୁ ଏକ ଅନୁକମ୍ପାମୂଳକ କ୍ଷତିପୂରଣ ପ୍ୟାକେଜ୍ ପ୍ରଦାନ କରିବା ପାଇଁ ପ୍ରସ୍ତାବ ଦେଇଛି, ଯାହା ଦ୍ୱାରା କାରଖାନାର ପ୍ରଗତି ସହିତ ସାମାଜିକ ପ୍ରଗତି ମଧ୍ୟ ସମ୍ଭବ ହେବ । କ୍ଷତିପୂରଣ ପ୍ରସ୍ତାବ ଅନୁଯାୟୀ, ପ୍ରତ୍ୟେକ ପ୍ରଭାବିତ ପରିବାରକୁ ୫, ୧୬, ୬୨୦/- ଟଙ୍କା ଆର୍ଥିକ ସହାୟତା ମିଳିବ । (ଯଦି ଗୋଟିଏ କୁଡ଼ିଆରେ ଗୋଟିଏ ପରିବାର ଥାଏ, ତେବେ ସେମାନେ ୫, ୧୬, ୬୨୦/- ଟଙ୍କା ପାଇବେ । ଯଦି ଗୋଟିଏ କୁଡ଼ିଆରେ ୨ଟି ପରିବାର ରହୁଥିବେ, ତେବେ ସେମାନେ ୧୦ ଲକ୍ଷ ଟଙ୍କାରୁ ଅଧିକ ପାଇବେ । ତଦନୁସାରେ, ଗୋଟିଏ କୁଡ଼ିଆରେ ରହୁଥିବା ପ୍ରତ୍ୟେକ ପରିବାରକୁ ୫, ୧୬, ୬୨୦/- ଟଙ୍କା ମିଳିବ) । ପ୍ରତ୍ୟେକ କୁଡ଼ିଆ ପାଇଁ ୬୫୦ ବର୍ଗ ଫୁଟର ବିକଶିତ ଏବଂ ପ୍ଲଟ କରାଯାଇଥିବା ଜମି ଦିଆଯିବ । ପ୍ଲଟ୍ କରାଯାଇଥିବା ଜମିରେ ସମସ୍ତ ମୌଳିକ ସୁବିଧା ଯୋଗାଇ ଦିଆଯିବ । ପ୍ରତ୍ୟେକ ଶ୍ରମିକଙ୍କୁ ସମୟ ସମୟରେ ସଂଶୋଧନ ସହିତ ସର୍ବନିମ୍ନ ମାସିକ ୨୦, ୬୫୭/- ଟଙ୍କା ମଜୁରୀ (ବୋନସ୍ ଏବଂ ଛୁଟି ଦରମା ସମେତ) ମିଳିବ । ନିର୍ଭରଶୀଳ ପରିବାର ସଦସ୍ୟମାନଙ୍କୁ ଇଏସଆଇ ଚିକିତ୍ସା ସୁବିଧା ଅଧୀନରେ ଅନ୍ତର୍ଭୁକ୍ତ କରାଯିବ । ଏହା ସହିତ ଏହି ପରିବାରଗୁଡ଼ିକୁ ସେକ୍ଟର-୨୨ ଇ ବ୍ଲକ ସ୍ଥିତ ଆରଏସପି କ୍ୱାର୍ଟର୍ସରେ ସର୍ବାଧିକ ୬ମାସ ପାଇଁ କିଛି ସର୍ତ୍ତାବଳୀ ସହିତ ଅସ୍ଥାୟୀ ପରିବହନ ଆଶ୍ରୟସ୍ଥଳ ଯୋଗାଇ ଦିଆଯିବ । ଏଥିପାଇଁ ଆଜିଠାରୁ ସାରନଗରୀ ସ୍ଥିତ ଇ-ବ୍ଲକରେ ଖାଲିଥିବା କ୍ୱାର୍ଟର୍ସଗୁଡ଼ିକର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି ।

# ୨ ଚୋରଙ୍କୁ ତାଲା ପକାଇ ପୁଲିସ ଜିମାଦେଲେ; ୩୫ ଗ୍ରାମ ସୁନା ଅଳଙ୍କାର ଜବତ

**ରାଉରକେଲା, ୩୦।୪(ସମିସ):** ସ୍ଥାନୀୟ ଉଦିତନଗର ଥାନା ଅଧୀନ ବାସନ୍ତୀ କଲୋନୀ ଅଞ୍ଚଳର ଏକ ବନ୍ଦ ଘରୁ ସୁନା ଅଳଙ୍କାର ଚୋରି କରୁଥିବା ବେଳେ ବାହାରପଟରୁ ତାଲା ମାରି ଦେଲେ ସ୍ଥାନୀୟ ଲୋକେ । ସୂଚନା ପାଇ ଉଦିତନଗର ଥାନା ଅଧିକାରୀ ଜ୍ଞାନେନ୍ଦ୍ର କୁମାର ସାହୁ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ୨ ଚୋରଙ୍କୁ କାବୁ କରି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି । ସେମାନଙ୍କ ଠାରୁ ୩୫ ଗ୍ରାମ ଓଜନର ସୁନା ଅଳଙ୍କାର ଜବତ କରିବା ପୁଲିସ ଅଧିକ ପଚରାଉଚରା କରୁଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ ଯେ ବାସନ୍ତୀ କଲୋନୀର ଇ -୭୫ କ୍ୱାର୍ଟର୍ସ ବନ୍ଦ ରହିଥିବା ବେଳେ ବୁଧବାର ରାତିରେ ଦୁଇ ଦୁର୍ବୃତ୍ତ ଉପର ଘରେ ପଶି ଚୋରି କରିବା ପରେ ତଳ ଘରୁ ଚୋରି କରିବା ପାଇଁ ଘରେ ପଶିଥିଲେ । ତେବେ ଏହା ଜାଣିପାରି ପଡ଼ୋଶୀ ସମେତ ସ୍ଥାନୀୟ ବାସିନ୍ଦା ଲାଠି ଧରି ସେଠାରେ ପହଞ୍ଚିଥିଲେ । ଦୁଇ ଦୁର୍ବୃତ୍ତ ଘର ଭିତରେ ପଶିଥିବା ଦେଖି ସେମାନେ ଘରର ବାହାର ପଟରୁ ତାଲା ମାରି ଦେଇଥିଲେ । ଏହାପରେ ସେମାନେ ଉଦିତନଗର ଥାନା ପୁଲିସକୁ ସୂଚନା ଦେଇଥିଲେ । ଉଦିତନଗର ଥାନା ଅଧିକାରୀ ଶ୍ରୀ ସାହୁ ସଦଳବଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତାଲା ଖୋଲି ଦୁଇ ଚୋରଙ୍କୁ କାବୁ କରିଥିଲେ । ଏହାସହ ଚୋରମାନେ ଚୋରି କରିଥିବା ଅନ୍ୟୁନ ୩୫ ଗ୍ରାମ ଓଜନର ସୁନା ଅଳଙ୍କାର ଓ ରୁପା ଅଳଙ୍କାର ଜବତ କରିଥିଲେ । ସେପଟେ ଏହି ଚୋର ଘର ଭିତରେ ବନ୍ଦ ରହିଥିବା ବେଳେ ସହାୟତା ପାଇଁ ସେମାନଙ୍କର କିଛି ସହଯୋଗୀକୁ ଫୋନ କରି ଡାକିଥିଲେ ମଧ୍ୟ ଏଥିରେ ସଫଳ ହୋଇ ନ ଥିବା କୁହାଯାଉଛି ।


10001/92/2627



ଅଂଶୁଘାତ ସତର୍କତା



**ଲକ୍ଷଣ**

- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**

- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ । ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ । ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**

- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଯାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ

ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

OIPR-10001/10003/2/26-27/0009

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

facebook.com/HFWOdisha
@HFWOdisha
http://www.health.odisha.gov.in/

# ନାବାଳିକାକୁ ଅପହରଣ ଅଭିଯୋଗରେ ଯୁବକ ଗିରଫ



ମୁରିବାହାଲ,୩୦।୪(ସମିସ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ୧୫ ବର୍ଷୀୟା ନାବାଳିକାକୁ ଅପହରଣ ସହ ଦୁଷ୍କର୍ମ କରିଥିବା ଅଭିଯୋଗରେ ପୁଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଉଛନ୍ତି ସାଲେପଡ଼ା ଗ୍ରାମର ଶ୍ରୀକାନ୍ତ ବନଛୋର (୨୪)। ଏପ୍ରିଲ ୨୪ ତାରିଖ ସକାଳେ ଚଣାବାହାଲ ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ଆଉ ଘରକୁ ଫେରି ନ ଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ନିରାଶ ହୋଇ ପ୍ରଥମେ ସ୍ଥାନୀୟ ଥାନାରେ ଏକ ନିଖୋଜ ଏତଲା ଦେଇଥିଲେ। ପରବର୍ତ୍ତୀ ସମୟରେ ଶ୍ରୀକାନ୍ତ ନାମକ ଯୁବକ ନାବାଳିକାକୁ ଅପହରଣ କରିଥିବା ଜଣାପଡ଼ିବା ପରେ ପରିବାର ପକ୍ଷରୁ ପୁନର୍ବାର ଏନେଇ ଅପହରଣ ଅଭିଯୋଗ କରାଯାଇଥିଲା। ଅଭିଯୋଗ ପାଇବା ପରେ ମୁରିବାହାଲ ପୁଲିସ ତତ୍ପରତା ପ୍ରକାଶ କରି ନାବାଳିକା ଓ ଶ୍ରୀକାନ୍ତଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ତେବେ ଶ୍ରୀକାନ୍ତ ତାଙ୍କୁ ଜୋରଜବରଦସ୍ତ ଅପହରଣ କରି ଜଙ୍ଗଲ ମଧ୍ୟରେ ତାଙ୍କ ଇଚ୍ଛା ବିରୋଧରେ ଦୁଷ୍କର୍ମ କରିଥିବା ନେଇ ନାବାଳିକା ଜଣକ ପୁଲିସ ନିକଟରେ ବୟାନ ଦେଇଥିଲେ। ପୁଲିସ ଏହି ଘଟଣାରେ ବୟାନ ରେକର୍ଡ କରିବା ସହ ମାମଲା ରୁଜୁ କରିଛି। ଉଭୟଙ୍କ ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ ବଲାଙ୍ଗିର ଜେଲ୍‌କୁ ପଠାଇ ଦିଆଯାଇଛି। ତେବେ ଅଭିଯୁକ୍ତ ଶ୍ରୀକାନ୍ତ ବିବାହିତ। ତାଙ୍କର ଦୁଇଟି ସନ୍ତାନ ମଧ୍ୟ ଅଛନ୍ତି ବୋଲି ତଦନ୍ତକାରୀ ଅଧିକାରୀ ମୁରିବାହାଲ ଥାନାର ଭାରପ୍ରାପ୍ତ ଆଇଆଇସି ଅଭୟ ପ୍ରଧାନ ସୂଚନା ଦେଇଛନ୍ତି।

## ଭିଜିଲାନ୍ସ କୋର୍ଟରେ ତହସିଲର ବରିଷ୍ଠ କିରାଣି ଦଣ୍ଡିତ

ଭବାନୀପାଟଣା,୩୦।୪(ସମିସ): କଳାହାଣ୍ଡି ଜିଲ୍ଲା ଏମ.ରାମପୁର ତହସିଲର ପୂର୍ବତନ ବରିଷ୍ଠ କିରାଣୀ ହିମାଦ୍ରୀ କୁମାର ପଣ୍ଡା ଗତ ୨୦୧୪ ମସିହାରେ ନିଜ ପିଅନ ଠାରୁ ଲାଞ୍ଚ ନେବା ମାମଲାରେ ଗୁରୁବାର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି। ଭବାନୀପାଟଣା ସ୍ଥିତ ଜିଲ୍ଲା ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ବଦ୍ରି ନାରାୟଣ ନନ୍ଦ ମାମଲାର ବିଚାର କରି ଅଭିଯୁକ୍ତ ବରିଷ୍ଠ କିରାଣୀ ପଣ୍ଡାଙ୍କୁ ବର୍ଷେ ଜେଲ ଦଣ୍ଡାଦେଶ ଶୁଣାଇବା ସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଏମ .ରାମପୁର ବ୍ଲକ୍ ଗୌଡ଼ କର୍ଲାଖୁଣ୍ଟା ଗ୍ରାମର ସୁବାଷ ଚନ୍ଦ୍ର ପାଳ ସ୍ଥାନୀୟ ତହସିଲ (ଏମ .ରାମପୁର) ଅଫିସରେ ପିଅନ ଭାବେ କାର୍ଯ୍ୟ କରୁଥିଲେ। ତେବେ ଜିପିଏଫ ବିଲ କରେଇ ଦେବା ପାଇଁ ଅଭିଯୁକ୍ତ ବରିଷ୍ଠ କିରାଣୀ ପଣ୍ଡା ତାଙ୍କୁ ହଜାରେ ଟଙ୍କା ଲାଞ୍ଚ ମାଗିଥିଲେ। ଏହାକୁ ନେଇଁ ସେ ଗତ ୮.୭.୨୦୧୪ରେ ଭବାନୀପାଟଣା ଭିଜିଲାନ୍ସ ଡିଏସପି ଜରିଆରେ କୋରାପୁଟ ଭିଜିଲାନ୍ସ ଏସପିଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଏହାର ଦିନକ ପରେ ଅର୍ଥାତ ୯ ତାରିଖରେ ନିଜ କାର୍ଯ୍ୟାଳୟରେ ଅଭିଯୁକ୍ତ କିରାଣୀ ପଣ୍ଡା ନିଜ ପିଅନ ପାଳଙ୍କ ଠାରୁ ହଜାରେ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବାବେଳେ ପୂର୍ବରୁ ଛକି ରହି ଥିବା ଭିଜିଲାନ୍ସ ତାଙ୍କୁ ମାଡି ବସିଥିଲା। ଏହି ସମୟରେ କିରାଣୀ ପଣ୍ଡାଙ୍କ ଠାରୁ ହଜାର ଟଙ୍କା ଭିଜିଲାନ୍ସ ଜବତ କରିଥିଲା। ଏ ନେଇଁ କୋରାପୁଟ ଭିଜିଲାନ୍ସ ବିଭାଗରେ ଏକ ମାମଲା ନଂ(୨୫/୨୦୧୪) ରୁଜୁ ହୋଇଥିଲା। ଏହି ମାମଲାଟିକୁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁଧୀର କୁମାର ପଣ୍ଡା ଓ ଇମ୍ରାନ ଖାଁ ପରିଚାଳନା କରିଥିଲେ।

## ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

ନୂଆପଡା/ଖଡ଼ିଆଳ,୩୦।୪(ସମିସ): ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି।ମୁଖ୍ୟ କିରାଣୀ ଅକ୍ଷୟକୁମାର ଦାଶ ତୁକୁଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୩ବର୍ଷ ପୂର୍ବରୁ ପଦୋନ୍ନତି ପ୍ରକ୍ରିୟାରେ



ଖଡ଼ିଆଳ ମହାବିଦ୍ୟାଳୟରେ ଯୋଗ ଦେଇଥିଲେ।ଶାରିରୀକ ଶିକ୍ଷା ବିଭାଗ ଶିକ୍ଷକ ଡ଼. ସରୋଜ କୁମାର ପଣ୍ଡା ଦୀର୍ଘ ୩୯ବର୍ଷର ବୃତ୍ତିଗତ କର୍ତ୍ତବ୍ୟ ଓ ଦାୟିତ୍ୱରୁ ଅବସର ଗ୍ରହଣ କରିଥିଲେ। ଅନ୍ୟ ଜଣେ ଉଦ୍ଭିଦ ବିଜ୍ଞାନ ବିଭାଗୀୟ ଧ୍ରୁବ ପାତ୍ର ମଧ ୩୮ବର୍ଷର ବୃତ୍ତିଗତ ଦାୟିତ୍ୱରୁ ଅବସରଗ୍ରହଣ କରିଥିଲେ। ଦୀର୍ଘ ଦିନର ଅନୁଭୁତି ,ଅନୁଭବକୁ ଉପସ୍ଥାପନ କରିବା ସହ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚରେ ଯୁକ୍ତ ଦୁଇ ଅଧକ୍ଷ ଡ଼.ରଣବୀର ସିଂହ,ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢୀ,କର୍ମଚାରୀ ସଂଘ ସଂପାଦିକା ଅଧ୍ୟାପିକା ଡ଼ଗୀତାଶ୍ରୀ ପ୍ରିୟମ୍ବଦା,ସହସମ୍ପାଦକ ଅଧ୍ୟାପକ ଡ଼. ରାଜ କୁମାର ରତେ ପ୍ରମୁଖ ତିନି ବିଦାୟୀଙ୍କର ମହାବିଦ୍ୟାଳୟ ପ୍ରତି ଥିବା ଅବଦାନ,ସହଯୋଗ,କର୍ମତତ୍ପରତା ସମ୍ପର୍କରେ ଅନୁଭୁତି ଉପସ୍ଥାପନ କରିଥିଲେ। ପୂର୍ବତନ ଅଧକ୍ଷ ତଥା ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼.ତରୁଣ କୁମାର ପ୍ରଧାନ, ଅଧ୍ୟାପକ ଡ଼.ବିଷ୍ଣୁ ଦେବ ସିଂ ମଲ୍ଲିକ,ଅଧ୍ୟାପିକା ସାଗରିକା ପଣ୍ଡା ,ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପକ ଗୁଣବନ୍ତ ସାହୁ,ଅଧ୍ୟାପିକା ସନ୍ତୋଷି ଶର୍ମା ,ଅଧ୍ୟାପିକା ପ୍ରଣତି ପଣ୍ଡା ମଧ ନିଜ ନିଜର ଅନୁଭୁତିର ବକ୍ତବ୍ୟ ରଖିଥିଲେ। ଅଧ୍ୟାପିକା ଡ଼. କାଜଲ ମେହେର, ଅଧ୍ୟାପକ ହରିହର ବେଶରା, ଅଧ୍ୟାପକ ମୌସମ ପ୍ରଧାନ,ଅଧ୍ୟାପକ ସୂର୍ଯ୍ୟକାନ୍ତ ଠାକୁର,ଅଧ୍ୟାପକ ଜବହାର ରଞ୍ଜନ ପଣ୍ଡା, ଅଧ୍ୟାପକ ଡ଼. ଶୁଭ୍ରାଂସିସ ବାରିକ,ଅଧ୍ୟାପିକା ଆନନ୍ଦିନୀ ମିଶ୍ର, ଅଧ୍ୟାପିକା ଶିଳା ତ୍ରିବେଦୀ,ଅଧ୍ୟାପିକା ଶତରୁପା ପଟ୍ଟନାୟକ,ଅଧ୍ୟାପିକା ରାଜେଶ୍ୱରୀ କରୁଁଆ ,ଅଧ୍ୟାପିକା ତନୁଜା ସାହୁଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା,କର୍ମଚାରୀ ଯୋଗ ଦେଇଥିଲେ। ଅଧ୍ୟାପକ ଡ଼ ରାଜ କୁମାର ରତେ ଧନ୍ୟବାଦ ଅର୍ପଣ କରିବା ସହ ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ୩ ବିଦାୟୀ ପ୍ରତିଭୁଙ୍କୁ ପ୍ରୀତି ଉପହାର ପ୍ରଦାନ କରିଥିଲେ।

## • ମରଣଯନ୍ତା ପାଲଟିଛି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ
# ନିର୍ମାଣ ପରେ ୫ ବର୍ଷର ରକ୍ଷଣାବେକ୍ଷଣ ଅବହେଳିତ

ଥୁଆମୂଳରାମପୁର,୩୦।୪(ସମିସ): କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍‌ରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଅଧୀନରେ ନିର୍ମିତ ଅନେକ ସଡକ ଏବେ ମରଣଯନ୍ତାର ରୂପ ନେଇଛି। ନିୟମ ଅନୁଯାୟୀ, ସଡକ ନିର୍ମାଣ ପରେ ୫ ବର୍ଷ ପର୍ଯ୍ୟନ୍ତ ଠିକାଦାରଙ୍କ ଦ୍ୱାରା ରକ୍ଷଣାବେକ୍ଷଣ କରିବାକୁ ଥିଲେ ମଧ୍ୟ, ପ୍ରାୟୋଗିକ ଭାବେ ଏହାକୁ ଅବହେଳା କରାଯାଇଥିବା ଦେଖାଯାଉଛି। ବର୍ଷ ପରେ ବର୍ଷ ବିତିଯାଇଥିଲେ ମଧ ସଡକର ମରାମତି କାମ କେଉଁଠି ହୋଇନାହିଁ। ଫଳରେ ରାସ୍ତାରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି ଏବଂ ନିମ୍ନମାନର ନିର୍ମାଣ କାମ ଯୋଗୁଁ ବର୍ଷା ପାଣିରେ ଅନେକ ସ୍ଥାନରେ ସଡକ ଧୋଇଯାଇଛି। କେତେକ ସ୍ଥାନରେ ରାସ୍ତା ଭୁଷୁଡି ପଡିଥିବାରୁ ଯାତାୟାତ ପ୍ରାୟ ଅସୁବିଧାଜନକ ହୋଇପଡିଛି। ଏହି ଅବସ୍ଥାରେ ଦିନକୁ ଦିନ ଯାତ୍ରୀମାନେ ଦୁର୍ଘଟଣା ଭୟ ନେଇ ଯାତ୍ରା କରୁଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପ୍ରତିଦିନ ସଡକରେ ଛୋଟ ବଡ଼ ଦୁର୍ଘଟଣା ଘଟୁଥିବାର ଆଶଙ୍କା ରହିଛି। ବ୍ଲକ୍‌ର କାଣିଗୁମାତାରାଗାଁ, ଟେଭାମହୁଲଅରଖପେଡି, ନେହେଲାକିଆପଦର ଓ କିଆପଦର ଠାରୁ ଥୁଆମୂଳ ରାମପୁରଭବାନୀପାଟଣା ମୁଖ୍ୟ ରାସ୍ତା ସଂଯୋଗୀ ପଥ ସହିତ ଅଡ୍ରୀ ପଞ୍ଚାୟତର ଟାଙ୍ଗରୀ ରାସ୍ତା, ମାଳିଗାଁସୂର୍ଯ୍ୟଗଡ ରାସ୍ତା, ଥୁଆମୂଳ ରାମପୁର ସଦର ମହକୁମା ଠାରୁ ପୋଖରାକାଠକୁରା ରାସ୍ତା, ଗୁଣପୁରଗୋକଲମାପୁଷ୍ଟିଗୁଡା ରାସ୍ତା, ଖମାରପଦର ଠାରୁ ମୁଣ୍ଡିଘାଟି ରାସ୍ତା ଏବଂ ସାଇସୁରୁନୀନାକୁରୁଣ୍ଡି ଓ ସାଇସୁରୁନୀହାଡଖୁର୍ସି ରାସ୍ତାର ଅବସ୍ଥା ବିଶେଷ କରି ଅତ୍ୟନ୍ତ ଦୟନୀୟ ଓ ବିପଦଜନକ ରହିଛି।ଦୁର୍ଗମ ଅଞ୍ଚଳରେ ଗମନାଗମନ ସୁବିଧା ପାଇଁ ସ୍ୱାଧୀନତାର



ଦଶନ୍ଧି ଦଶନ୍ଧି ଧରି ପ୍ରତୀକ୍ଷା କରିବା ପରେ ଯେ ସଡକ ନିର୍ମାଣ ହୋଇଥିଲା, ସେଗୁଡିକ ଏବେ ଅବହେଳାରେ ଧ୍ୱଂସ ଅବସ୍ଥାକୁ ପହଞ୍ଚିଛି। କୋଟି କୋଟି ଟଙ୍କା ବ୍ୟୟ ହୋଇଥିବା ସତ୍ତ୍ୱେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କ ଯଥେଷ୍ଟ ତଦାରଖ ନଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହେଉଛି। ଯସଡକ ନିର୍ମାଣ ପରେ ୭୮ ବର୍ଷ ବିତିଯାଇଥିଲେ ମଧ ମରାମତି କାମ ନ ହେବା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ କୌଣସି କାର୍ଯ୍ୟକରୀ ପଦକ୍ଷେପ ନେଉନଥିବା ଅଭିଯୋଗ ମଧ୍ୟ ଉଠିଛି। ତୁରନ୍ତ ସମସ୍ତ ଖରାପ ସଡକକୁ ଉନ୍ନତ ମାନରେ ମରାମତି କରି ଯାତାୟାତ ସୁବିଧା ସୁନିଶ୍ଚିତ କରାଯାଉ, ନହେଲେ ଆଗାମୀ ଦିନରେ ବଡ଼ ପରିମାଣର ଦୁର୍ଘଟଣା ଘଟିପାରେ ବୋଲି ସତର୍କ କରାଯାଇଛି।

## ଧାନ ବିକ୍ରି ପଞ୍ଜୀକରଣରୁ ବାଦ୍ ପ୍ରସଙ୍ଗ
## ଜନସ୍ୱାର୍ଥ ମାମଲା କରିବାକୁ ଚାଷୀଙ୍କ ନିଷ୍ପତ୍ତି

କୋକସରା,୩୦।୪(ସମିସ): ଇନ୍ଦ୍ରାବତୀ ମେଗା ଉଠାଜଳସେଚନ ଜରିଆରେ ଚାଷ କରିଥିବା ଚାଷୀମାନଙ୍କ ରବି ଧାନ ବିକ୍ରି ପଞ୍ଜୀକରଣ ବାଦ୍ ଯୋଗୁଁ ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏନେଇ ଗୁରୁବାର କୋକସରା ବ୍ଲକ କୃଷକ ସଚେତନତା ମଞ୍ଚ ପକ୍ଷରୁ ସଭାପତି ଶିବ ପ୍ରସାଦ ପ୍ରାଧୀନଙ୍କ ଆହ୍ୱାନ କ୍ରମେ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ବୈଠକ ଅନୁଷ୍ଠିତ ହୋଇଛି। ଗୋବର୍ଦ୍ଧନ ବାଗଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ଚାଷୀମାନେ ଯୋଗ ଦେଇଥିଲେ। ଇନ୍ଦ୍ରାବତୀ ମେଗା ଉଠାଜଳସେଚନ ପ୍ରକଳ୍ପ ଅଞ୍ଚଳର ଚାଷୀମାନଙ୍କ ରବି ଧାନ ବିକ୍ରି ଲାଗି ନଲାଇନ ହୋଇ ନଥିବାରୁ ସରକାର ବିରୋଧରେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯିବ ପାଇଁ ନିଷ୍ପତି ନିଆଯାଇଛି। ଏନେଇ ଆସନ୍ତା ସୋମବାର ୪ ମେ' ଦିନ ଧର୍ଯ୍ୟ କରାଯାଇଛି। ଓଡିଶା ମୁଖ୍ୟମନ୍ତ୍ରୀଙ୍କୁ ମଧ ଏ ବିଷୟରେ ଜଣେଇବା ପାଇଁ ଅବଗତ କରାଯାଇଛି। ଏବଂ କୋକସରା, ଜୟପାଟଣା ଓ ଧର୍ମଗଡ଼ ବ୍ଲକର ଚାଷୀଙ୍କୁ ଅନୁରୋଧ କରାଯଇଛି ସେମାନେ ୨ ଖଣ୍ଡ ପୋଷ୍ଟ କାର୍ଡ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଓ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ଏହି ବିଷୟରେ ଜାଣିଇବା ପାଇଁ ନିଷ୍ପତ୍ତି ନିଆଗଲା। ବୈଠକରେ ଚାଷୀ ମୀନକେତନ ପ୍ରଧାନୀ, ପଞ୍ଚକ ପୋଡ଼, ଦୁର୍ଯ୍ୟୋଧନ ଜାଲ, ବିଜୟ ସାହୁ, ଧନେଶ୍ୱର ପଣ୍ଡା, ଜୟଲାଲ ନାଏକ, କୋକସରା ସରପଞ୍ଚ କିଶୋର ପ୍ରଧାନୀ, ଡମ୍ବରୁ ପୁଞ୍ଜି, ସୁରେଶ ହଂସ ରାଜେନ୍ଦ୍ର ନାଏକ, ମନିଜର ପୋଡ଼, ହରେକୃଷ୍ଣ ନାଏକ, ଶୈଳେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ବିଚିକାରେ ୧୦ଦିନ ହେଲା ନଳକୂଅ ଅଚଳ

- ୨୦୦ ଲୋକ କଲବଲ
- ମରାମତି ପାଇଁ କେହି ଶୁଣୁ ନାହାନ୍ତି

ଶଗଡା,୩୦।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବିଳାସପୁର ପଞ୍ଚାୟତ ବିଚିକା ଗ୍ରାମରେ ଥିବା ନଳକୂଅଟି ଦୀର୍ଘ ୧୦ଦିନରୁ ଅଧିକ ହେବ ଅଚଳ ହୋଇ ପଡିରହିଛି। ଏଣୁ ଗାଁର ୬୦ ପରିବାର ୨୦୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ ଫ୍ରି ନମ୍ବରରେ ଅଭିଯୋଗ କରିଥିଲେ; ହେଲେ ୧୦ ଦିନ ବିତି ଯାଇଥିଲେ ସୁଦ୍ଧା ନଳକୂଅ ମରାମତି ନ ହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଏଥିରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ଅଛି; ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନଭାବ ଯୋଗୁଁ ୧୦ ଦିନରୁ ଅଧିକ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଚଣ୍ଡ ଖରା ସମୟରେ ପାଣି ଭଳି ଅତ୍ୟାବଶ୍ୟକକ ସାମଗ୍ରୀର ଆବଶ୍ୟକତା ସହ ଲୋକଙ୍କ ସୁବିଧାକୁ ଆଖି ଆଗରେ ରଖି ଅଚଳ ନଳକୂଅଗୁଡିକୁ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## କାଜୁ ବଗିଚାରୁ ଦନ୍ତାହାତୀର ମୃତଦେହ ଠାବ



ମୁରିବାହାଲ,୩୦।୪(ସମିସ):ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଗୁଡିଘାଟ ଫରେଷ୍ଟ ବିଟ୍ ଅଧୀନ ଚାନୁଟ୍ ମାଲ ଗାଁର ସଞ୍ଜୀବ ପୁଟେଲଙ୍କ କାଜୁ ବଗିଚାରୁ ଏକ ଦନ୍ତା ହାତୀର ମୃତଦେହ ଗୁରୁବାର ସକାଳୁ ଠାବ କରାଯାଇଛି। ବନ ବିଭାଗ କର୍ମଚାରୀ ପହଞ୍ଚି ହାତୀ ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛନ୍ତି। ତେବେ କାରଣ ସ୍ପଷ୍ଟ ହୋଇନାହିଁ। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି। ତେବେ ଏହାକୁ ବନ ବିଭାଗ ଓ ବିଦ୍ୟୁତ ବିଭାଗ ମଧ୍ୟରେ ଦୋଷ ଲଦାଲଦି ଆରମ୍ଭ ହୋଇଛି।

## ଏକତା ଛକରେ ଲାଗିଲା ଟ୍ରାଫିକ ସେଡ୍



ନୂଆପଡା,୩୦।୪(ସମିସ): ନୂଆପଡା ଜିଲ୍ଲାରେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବଢ଼ୁଥିବାରୁ ଜିଲ୍ଲା ସଦର ମହକୁମା ଖରିଆରରୋଡ଼, ଖଡ଼ିଆଳ ଆଦି ଜାଗାରେ ଟ୍ରାଫିକ ପୋଷ୍ଟ ନିକଟରେ ପଥଚାରୀ, ଯାତ୍ରୀଙ୍କ ସୁରକ୍ଷା ପାଇଁ ଛାଉଣୀ ବ୍ୟବସ୍ଥା ପାଇଁ ଦାବି ହୋଇ ଆସୁଥିଲା। ପ୍ରଶାସନ ତରଫରୁ ଏକତା ଛକ ନିକଟରେ ଟ୍ରାଫିକ ସିଗ୍ନାଲରେ ଛାଉଣୀ ବ୍ୟବସ୍ଥା କରାଯାଇଛି। ଟ୍ରାଫିକ ନିୟମ ମାନି ଗାଡ଼ି ଓ ଯାନବାହାନ ଚଳାଚଳ କରିବାକୁ ନେଇ ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଥାଏ। ତେଣୁ ପ୍ରଚଣ୍ଡ ରୌଦ୍ର ତାପରୁ ଆଶ୍ୱସ୍ତ ପାଇଁ ଏକତା ଛକରେ ଛାଉଣୀ, ଗ୍ରୀନ ନେଟ, ସବୁଜ ନେଟ କପଡ଼ା ଲଗାଇବା ପାଇଁ ସାଧାରଣରେ ଦାବି ହୋଇଆସୁଥିଲା। ପ୍ରଶାସନ ଆବଶ୍ୟକ ଗୁରୁତ୍ୱକୁ ହୃଦୟଙ୍ଗମ କରି ଗ୍ରୀନ ନେଟ ଲଗାଇଛନ୍ତି।ନୂଆପଡା-ବରଗଡ଼ ରାସ୍ତା ସହ ଖଡ଼ିଆଳ ସହରରେ ମଧ ବ୍ୟବସ୍ଥା କରାଯିବାକୁ ଦାବି ହେଉଛି।

## କଳାହାଣ୍ଡିରେ ପୁଣି ଭୂମିକମ୍ପ

ଧର୍ମଗଡ,୩୦।୪(ସମିସ): କଳାହାଣ୍ଡି ଜିଲ୍ଲାରେ ପୁଣିଥରେ ଭୂମିକମ୍ପର କମ୍ପନ ଅନୁଭୂତ ହେବାରୁ ସାଧାରଣ ଲୋକଙ୍କମନରେ ଆତଙ୍କ ପରିବେଶ ସୃଷ୍ଟି ହୋଇଛି। ବୁଧବାର ସନ୍ଧ୍ୟା ପ୍ରାୟ ୭ଟା ୪୩ ମିନିଟରେ ଭୂମିକମ୍ପ ଅନୁଭୂତ ହୋଇଥିବା ବେଳେ ପୁଣି ଗୁରୁବାରସନ୍ଧ୍ୟା ୭ଟା ୨୧ ମିନିଟ ସମୟରେ ଧରା କମ୍ପିଥିଲା। ଘଟଣାର ପୁନରାବୃତ୍ତି ଲୋକଙ୍କ ମଧ୍ୟରେ ଭୟର ପରିସ୍ଥିତିକୁ ଆହୁରି ଗଭୀର କରିଦେଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ ସବଡିଭିଜନର ଧର୍ମଗଡ,ଜୁନାଗଡ, କୋକସରା, ଗୋଲାମୁଣ୍ଡା,କଳମପୁର ଓ ଜୟପାଟଣା ସହିତ ବିଭିନ୍ନ ଅଞ୍ଚଳରେ କମ୍ପନ ଅନୁଭୂତ ହୋଇଥିବା ଜଣାପଡ଼ିଛି। ହଠାତ୍ ଘର ଓ ଦୋକାନ ଦୋଲିଉଠିବାରୁ ଲୋକମାନେ ଭୟଭୀତ ହୋଇ ଘରୁ ବାହାରକୁ ଦୌଡ଼ି ଆସିଥିବା ଦୃଶ୍ୟ ଅନେକ ସ୍ଥାନରେ ଦେଖାଯାଇଥିଲା। ଲଗାତାର ଦୁଇ ଦିନ ଧରି ଗୋଟିଏ ଅଞ୍ଚଳରେ ଭୂମିକମ୍ପ ଅନୁଭୂତ ହେବା ନେଇ ଲୋକମାନଙ୍କ ମନରେ ଭବିଷ୍ୟତ ନେଇ ଚିନ୍ତା ବଢ଼ିଛି। ଜିଲ୍ଲା ପ୍ରଶାସନ ଓ ବିପଦ ପରିଚାଳନା ବିଭାଗ ପକ୍ଷରୁ ଶୀଘ୍ର ଏହାର ବୈଜ୍ଞାନିକ ତଦନ୍ତ ସହ ସଚେତନତାମୂଳକ ପଦକ୍ଷେପ ନିଆଯିବା ଆବଶ୍ୟକ ବୋଲି ଲୋକମାନେ ମତ ରଖିଛନ୍ତି।

## ଆଜି ପ୍ରଗଳପୁରରେ ସରିବ ବୁଦ୍ଧ ଜୟନ୍ତୀ ସମାରୋହ

ବୌଦ୍ଧ, ୩୦।୪(ସମିସ): ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ୍ ପ୍ରଗଳପୁର ଓ ଶ୍ୟାମ ସୁନ୍ଦରପୁର ବୌଦ୍ଧ ମନ୍ଦିରରେ ଗ୍ରାମବାସୀ ବୌଦ୍ଧ ପୂର୍ଣ୍ଣିମା ପାଳନ କରୁଛନ୍ତି। ଗତ ୨୭ତାରିଖରୁ ଏହା ଆରମ୍ଭ ହୋଇଛି। ଶୁକ୍ରବାର ମେ ୧ତାରିଖରେ ଶେଷ ହେବ। ପ୍ରଥମ ଦିନ କଳସ ଯାତ୍ରାରୁ ଏହା ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ ଝାଞ୍ଜ-ଖୋଳ ବାଦ୍ୟ, ମହିଳା ସଂକୀର୍ତ୍ତନ ଓ ରାମାୟଣ ନାଟକ, ପ୍ରବଚନ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି।

## ବାରିକ ସମାଜର ଇଷ୍ଟଦେବ ଲକ୍ଷ୍ମୀନୃସିଂହଙ୍କ ଜନ୍ମୋତ୍ସବ



ବଲାଙ୍ଗିର,୩୦।୪(ସମିସ): ବଲାଙ୍ଗିର ସହରସ୍ଥିତ ନୃସିଂହ ମନ୍ଦିରରେ ଜିଲ୍ଲା ବାରିକ ସମାଜ ପକ୍ଷରୁ ଇଷ୍ଟଦେବ ଲକ୍ଷ୍ମୀନୃସିଂହଙ୍କ ପୂଜାର୍ଚ୍ଚନା ହୋଇଛି। ଜିଲ୍ଲା ସଭାପତି ନବୀନ ପଶାୟତ, କାର୍ଯ୍ୟକାରୀ ସଭାପତି ଶଙ୍କର ବାରିକ, ସାଧାରଣ ସମ୍ପାଦକ ଦଶରଥ ପଶାୟତ, କୋଷାଧ୍ୟକ୍ଷ ନନ୍ଦକିଶୋର ବାରିକ, ସେଲୁନ ସଂଘ ସଭାପତି ଶିଶିର ବେହେରା, ବରିଷ୍ଠ ଉପଦେଷ୍ଟା ଅଧିକାର ବାରିକ, ଈଶ୍ୱର ପଶାୟତ, ପ୍ରଦୀପ ବାରିକ, ସତ୍ୟବ୍ରତ ବାରିକ, କିରନ ବାରିକ, ଅଭେଲ ବାରିକ, ସୁମନ୍ତ ବାରିକ, ଦୀନବନ୍ଧୁ ବାରିକ, କାହ୍ନୁ ବାରିକ, ଆନନ୍ଦ ପଶାୟତ, ସୁଶାନ୍ତ ବାରିକ, ନୀଳକଣ୍ଠ ବାରିକ, ସନ୍ତୋଷ ପଶାୟତ ପ୍ରମୁଖ ଯୋଗ ଦେଇଥିଲେ।

## ମତ୍ସ୍ୟ ବିଭାଗ ସମୀକ୍ଷା ବୈଠ
# ବ୍ଲୁ ଇକୋନୋମିର ଉନ୍ନତି ଉପରେ ଗୁରୁତ୍ୱ



ନୂଆପଡା,୩୦।୪(ସମିସ):ନୂଆପଡା ଜିଲ୍ଲାରେ ମତ୍ସ୍ୟ ବିଭାଗର କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବା ଓ ଗ୍ରାମୀଣ ଜୀବିକାକୁ ଶକ୍ତିଶାଳୀ କରିବା ଲକ୍ଷ୍ୟରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ମୁଖ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ପରିଷଦର ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ,ଡିପିସି (ମିଶନ ଶକ୍ତି) ସୁନୀଲ କୁମାର ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅରୁଣ କୁମାର ସାହୁ ସହ ସମସ୍ତ ବ୍ଲକ୍ ସ୍ତରୀୟ ମତ୍ସ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ ମତ୍ସ୍ୟ ବିଭାଗର ଯୋଜନାଗୁଡ଼ିକର ଲାଭ ଗ୍ରାମସ୍ତରକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଇ ଏହା ମାଧ୍ୟମରେ ଜୀବିକା ସୁଦୃଢ଼ ହେବା ସହ ଜିଲ୍ଲାର ବ୍ଲୁ ଇକୋନୋମିକୁ ଉନ୍ନତ କରାଯାଇପାରିବ। ବୈଠକରେ, ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନା ଅଧୀନରେ ମୋଟ ୪୮ଟି ପ୍ରସ୍ତାବକୁ କାର୍ଯ୍ୟାନ୍ୱୟନ ପାଇଁ ଅନୁମୋଦନ ଦିଆଯାଇଥିଲା। ଯୋଜନା ଅନୁଯାୟୀ, ମତ୍ସ୍ୟ ପୋଖରୀ ଯୋଜନା ଏମପିଓ୍ୱାଇ କମ୍ପୋନେଣ୍ଟ୧ ଅଧୀନରେ ୩୩ଟି ନୂତନ ପୋଖରୀ ଖନନ, ମତ୍ସ୍ୟ ପୋଖରୀ ଯୋଜନା କମ୍ପୋନେଣ୍ଟ୨ ଅଧୀନରେ ୨ଟି ପୁରୁଣା ପୋଖରୀର ପୁନରୁଦ୍ଧାର ଓ ମତ୍ସ୍ୟଚାଷ, ବାୟୋଫ୍ଲକ୍ ପ୍ରଣାଳୀରେ ୬ଟି ମତ୍ସ୍ୟଚାଷ ପ୍ରକଳ୍ପ, ସିଡ୍ ଗ୍ରୋଅର ନେଟଓ୍ୱର୍କ ପାଇଁ ୨ଟି ପ୍ରସ୍ତାବ ଏବଂ ମତ୍ସ୍ୟ ଯନ୍ତ୍ରପାତି (ମାଛ ଜାଲ) ପାଇଁ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।ଗତ ବର୍ଷର କାର୍ଯ୍ୟଦକ୍ଷତା ଉପରେ ସନ୍ତୋଷ ପ୍ରକାଶ କରି ଜିଲ୍ଲାପାଳ ଅଧିକାରୀମାନଙ୍କୁ ସ୍ଥାୟୀ ଜୀବିକା ସୃଷ୍ଟି ଓ ଜିଲ୍ଲାରୁ ପ୍ରବାସ କମେଇବା ପାଇଁ ଆହୁରି ସକ୍ରିୟ ଭାବରେ କାମ କରିବାକୁ ନିର୍ଦ୍ଦେଶ ଦେଇଥିଲେ।ଏହି ଅବସରରେ କୋମନା ବ୍ଲକର ଦଗ୍ରେଶ୍ୱର ବାଗ ଏବଂ ଇନ୍ଦ୍ରଦେଇ ପିଏଫସିଏସ, ତିଖାଲିର ଅଧକ୍ଷ ତଥା ସଚିବଙ୍କୁ ମତ୍ସ୍ୟ ଆଧାରିତ ଜୀବିକା ଉନ୍ନୟନରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଥିଲା।

## ରାସ୍ତାକଡ଼ରୁ ଗଛ କାଟି ନେଲେ ମାଫିଆ



ଲାଞ୍ଜିଗଡ,୩୦।୪(ସମିସ): କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ବନାଞ୍ଚଳ ବିଜେପୁର ବନ ବିଭାଗ ଅଧିନରେ ଥିବା ପାହାଡ଼ପଦର ପଞ୍ଚାୟତ ପଟାଙ୍ଗପଦରଗ୍ରାମ ନିକଟସ୍ଥ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ଗଛ ଦିନ ଦ୍ୱିପହରରେ କାଟି ନେଉଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ ପଟାଙ୍ଗପଦରଗ୍ରାମରୁ ବୋରପଦର ଯିବା ରାସ୍ତା କଡରେ ଥିବା ଶହେ ବର୍ଷ ପୂରାତନ ମୂଲ୍ୟବାନ ଗଛ ଗୁଡ଼ିକ ଥିବାବେଳେ କିଛି ବ୍ୟକ୍ତି ସପ୍ତାହେ ହେଲା ଗଛ ଗୁଡିକୁ ମେସିନ ଦ୍ୱାରା କାଟି ମୁଖ୍ୟ ଅଂଶ ଗୁଡ଼ିକ ନେଇଯାଇଛନ୍ତି।ବୁଧବାର ଦିନ ମଧ ପୁଣି ମେସିନ ଲଗାଇ କାଟୁଥିବା ବେଳେ ପଟାଙ୍ଗପଦର ଗ୍ରାମର ଜଣେ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। କଟା ଯାଇଥିବା ଗଛ ଗୁଡିକର ମୋବାଇଲରେ ଫୋଟ ଉଠାଇଥିଲେ ଏବଂ ବ୍ୟକ୍ତିଗତ ଜାଗାରେ ଥିବା ଗଛ ଗୁଡିକୁ କାଟି କିଛି ବ୍ୟକ୍ତି ନେଉଥିବା ବିଜେପୁର ଫରେଷ୍ଟରଙ୍କୁ ଫୋନ ଯୋଗେ ଜଣାଇଥିଲେ। ବିଜେପୁର ଫରେଷ୍ଟର ଗୁରୁବାର ଦିନ ଘଟଣାସ୍ଥଳକୁ ଯାଇ କଟାଯାଇଥିବା ଗଛର ବଳକା ଅଂଶ ଗୁଡିକୁ ଜବତ କରି ଆଣିଥିଲେ। ଏନେଇ ବିଜେପୁର ଫରେଷ୍ଟର ପଦ୍ମଲୋଚନ ଶବରଙ୍କୁ ପଚାରିବାରୁ ବୁଧବାର ଦିନ ପଟାଙ୍ଗପଦର ଗ୍ରାମର ଜଣେ ଫୋନ ଯୋଗେ ଅଭିଯୋଗ କରିଥିଲେ ଯେ ତାଙ୍କର ପଟା ଜମି ପ୍ଲଟରେ ଥିବା କିଛି ଗଛଗୁଡ଼ିକୁ କୌଣସି ବ୍ୟକ୍ତିମାନେ ମେସିନ ଦ୍ୱାରା କାଟି ନେଇଯାଉଛନ୍ତି।ତେଣୁ ଆଜି ମୁ ଟିମ୍ ସହିତ ଘଟଣା ସ୍ଥଳକୁ ଯାଇ ଗଛ କାଟିଥିବା ଦେଖିଲି ଏବଂ ଗଛର ବଳକା ପଡିଥିବା ଅବଶିଷ୍ଟାଂଶ ଜବତ କରି ବିଜେପୁର ବିଟଙ୍କୁ ଅଣାଗଲା। ଆସନ୍ତା କାଲି ଯାଇ ଅଭିଯୋଗ କାରୀଙ୍କ ଅନୁସାରେ ଜମିର ପଟ୍ଟା ଅନୁସାରେ ତାହା ବ୍ୟକ୍ତିଗତ ନା ଜଙ୍ଗଲ ଜମି ତଦନ୍ତ କରାଯିବ। ଏହା ସହିତ ଗଛ କିଏ କାଟିଛି ତାର ମଧ ତଦନ୍ତ କରାଯିବା ସହ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଥିଲେ।

## ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଅଧ୍ୟକ୍ଷଙ୍କ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ



ହରଭଙ୍ଗା,୩୦ ।୪(ସମିସ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ଅଧ୍ୟକ୍ଷ ମୃଣଳକାନ୍ତି ଦାସ ବୌଦ୍ଧ ଜିଲ୍ଲା ଗସ୍ତ କରିଛନ୍ତି । ସେ ସରସରାସ୍ଥିତ ପିଏମ୍‌ଶ୍ରୀ ବାବା ବାଦ୍ୟନାଥ ଉଚ୍ଚ ବିଦ୍ୟାଳୟ, ସରସରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଲୁଣିବାହାଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ମଣିପୁର ଓଡିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି । ବିଦ୍ୟାଳୟ ପରିବେଶ, ପରିଷ୍କାର ପରିଚ୍ଛନ, ଉନ୍ନତମାନର ଶିକ୍ଷା ଦାନ ଏବଂ ହଷ୍ଟେଲ ଛାତ୍ରଛାତ୍ରୀଙ୍କ ଖାଦ୍ୟ ପନୀୟ ବ୍ୟବସ୍ଥା ସହ ପାଠପଢା ସମ୍ପର୍କରେ ପଚାରି ବୁଝିବା ସହ ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ଗୁଡିକୁ ବୁଲି ଦେଖିଥିଲେ । ଏହି ପରିଦର୍ଶନ ସମୟରେ ହରଭଙ୍ଗା ବ୍ଲକ କୁ ଜିଲ୍ଲା ନୋଡାଲ ଅଫିସର ତଥା ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ହରଭଙ୍ଗା ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭୁବନେଶ୍ୱର ସେଠୀ, କାର୍ତ୍ତିକେଶ୍ୱର ନାୟକ ଓ ବିସିକେଶନ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ, ସିଆରସିସି ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଟିପିଡବ୍ଲୁଓଡିଏଲ୍‌ର କର୍ମଚାରୀ ଛଟେଇ ବିରୋଧରେ ବିକ୍ଷୋଭ



ବଲାଙ୍ଗିର,୩୦ ।୪(ସମିସ): ଟିପିଡବ୍ଲୁଓଡିଏଲ୍‌ର ମନମୁଖୀ ଛଟେଇ ବିରୋଧରେ ୱେଷ୍ଟର୍ଣ୍ଣ ଓଡିଶା ବିଦ୍ୟୁତ ଶ୍ରମିକ ମହାସଂଘ ତରଫରୁ ବଲାଙ୍ଗିର ସର୍କଲ୍‌ର ପ୍ରତ୍ୟେକ ସେକ୍‌ସନ୍‌ରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ସେହିପରି ସ୍ଥାନୀୟ ଆର୍‌ଇସି ସେକ୍‌ସନ୍ ପୁଇନ୍ତଲା କାର୍ଯ୍ୟାଳୟ ସମ୍ମୁଖରେ ସାଂଗଠନିକ ସଂପାଦକ ପବିତ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ସମସ୍ତ କର୍ମଚାରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ଜାରି ରହିବ । ତେବେ ଜନସାଧାରଣ ତଥା ବିଦ୍ୟୁତ୍ ଉପଭୋକ୍ତାଙ୍କ କୌଣସି ଅସୁବିଧା ନ ହେବା ସକାଶେ ପ୍ରଚଣ୍ଡ ରୌଦ୍ରତାପକୁ ଦୃଷ୍ଟିରେ ରଖି ବିଦ୍ୟୁତ୍ ସେବା ବଜାୟ ରଖିବା ପାଇଁ ସଂଘ ତରଫରୁ ଆହ୍ୱାନ ଦିଆଯାଇଛି । ଜନସାଧାରଣଙ୍କ ଯେପରି କୌଣସି ଅସୁବିଧା ନ ହୁଏ ସେଥିଲାଗି ସେବା ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି । ତେଣୁ ଜନସାଧାରଣଙ୍କୁ ସହଯୋଗ କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଛି ।

## ତରଭା ଜବାହର ନବୋଦୟ ବିଦ୍ୟାଳୟରେ ସ୍ୱାସ୍ଥ୍ୟ ଶିବିର




ତରଭା,୩୦ ।୪(ସମିସ): ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ 'ନାଟ' ଏବଂ ସୋନପୁର ଜବାହର ନବୋଦୟ ବିଦ୍ୟାଳୟର ପୁରାତନ ଛାତ୍ର ସଂଘର ଚିକିତ୍ସକମାନଙ୍କ ମିଳିତ ସହଯୋଗରେ ବୁଧବାର ଏକ ସ୍ୱାସ୍ଥ୍ୟ ଶିବିର ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଶିବିରରେ ଛାତ୍ରୀଙ୍କ ପାଇଁ ଋତୁସ୍ରାବ ସ୍ୱଚ୍ଛତା, ଏଚପିଭି ଟିକାକରଣ ଏବଂ ପାକସ୍ଥଳୀର ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା । ଏହାସହ ବିଦ୍ୟାଳୟର କର୍ମଚାରୀଙ୍କ ପାଇଁ ଉଚ୍ଚ ରକ୍ତଚାପ ଏବଂ ମଧୁମେହ ପରୀକ୍ଷା କରାଯାଇ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କାର୍ଯ୍ୟକ୍ରମରେ ମହିଳା ସ୍ୱାସ୍ଥ୍ୟ ଓ ସଂକ୍ରାମକ ରୋଗରୁ ରକ୍ଷା ପାଇବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦିଆଯାଇଥିଲା । ବିଦ୍ୟାଳୟର ସମସ୍ତ କର୍ମଚାରୀଙ୍କ ରକ୍ତଚାପ ଓ ମଧୁମେହ ପରୀକ୍ଷା କରାଯାଇଥିଲା ।

### ତରଭା ଜବାହର ନବୋଦୟ ବିଦ୍ୟାଳୟର ବାର୍ଷିକ ଉତ୍ସବ

# ମାର୍କ ପଛରେ ଗୋଡ଼ାଇ ସଂସ୍କୃତି, ପରମ୍ପରା ଭୁଲି ଯାଉଛୁ







ତରଭା,୩୦ ।୪(ସମିସ)

ବର୍ତ୍ତମାନ ବାପା, ମା' ପୁଅଝିଅଙ୍କ ପାଠ ପଢାକୁ ନେଇ ଖୁବ ଚିନ୍ତିତ । ଯଦି ପୁଅଝିଅ ୯୫ ପ୍ରତିଶତରୁ ଅଧିକ ମାର୍କ ରଖୁଛନ୍ତି ତେବେ ଠିକ୍ । ସେଥିରୁ କମ୍ ଆଣିଲେ ତାହା ଚିନ୍ତାର ବିଷୟ। ମାର୍କ ପଛରେ ଗୋଡ଼ାଇ ଆମେ ଆମର ସଂସ୍କୃତି, ପରମ୍ପରାକୁ ଭୁଲି ଯାଉଛୁ । ୯୫ ପ୍ରତିଶତରୁ ଅଧିକ ମାର୍କ ଆଣିଥିବା ପିଲା ବିଦେଶରେ ଚାକିରି କରିବ । ବାପା, ମା'ଙ୍କ ଅନ୍ତେଷ୍ଟିକ୍ରିୟାରେ କିନ୍ତୁ ଯୋଗ ଦେଇ ପାରିବନି । ଆମକୁ ସେଭଳି ସନ୍ତାନ ଦରକାର ନା ବାପା, ମା'ଙ୍କ ନିକଟରେ ରହି ସେମାନଙ୍କ ଯତ୍ନ ନେଇ ପାରୁଥିବା ସନ୍ତାନ ଦରକାର? ଏହା ଏକ ଚିନ୍ତାର ବିଷୟ ବୋଲି ତରଭା ପିଏମ୍‌ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ବର୍ଷିକୋତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୋନପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଛୋଟ ଛୋଟ ଦୃଷ୍ଟାନ୍ତ ମାଧ୍ୟମରେ ଅଭିଭାବକମାନଙ୍କ ଉଦ୍ଦେଶ୍ୟରେ କହିଛନ୍ତି । ଏହା ବ୍ୟତୀତ ଛୋଟଛୋଟ କାହାଣୀ ମାଧ୍ୟମରେ ପିଲାଙ୍କୁ ଉଦ୍‌ବୋଧନ ଦେଇ ମୂଲ୍ୟବୋଧଭିତ୍ତିକ ଶିକ୍ଷାର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ବୁଧବାର ବିଦ୍ୟାଳୟର ଅଧ୍ୟକ୍ଷ ନିଶିକାନ୍ତ ସାମକୁଓ୍ୱରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲାପାଳଙ୍କ ସହ ତରଭା ବିଡ଼ିଓ ଶିବାନନ୍ଦ କର୍ମୀ, ଭେଡେନ ବିଡ଼ିଓ କରୁଣା ସୁନା, ଏଇଏସ୍ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷା ମିନତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଗ୍ରାମାଞ୍ଚଳର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଢିବାରେ ଏହି ବିଦ୍ୟାଳୟର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଅତିଥିଗଣ ଆଲୋକପାତ କରିଥିଲେ । ରାକେଶ ଦାସ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଶେଷରେ ଶାଶ୍ୱତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିକ୍ରମ କେଶରୀ ଭୋଇ, ପ୍ରଦୀପ ପଟେଲ, ପ୍ରବୀର ମଲ୍ଲିକ, ମନମୋହନ ପଟେଲ, ରତ୍ନାକର ମାଝୀ, ଶଙ୍କର୍ଷଣ ସାହୁ, ମୁକେଶ ମାହାଣା, ଫୈଜଲ ପରୱେଜ୍, ସୂର୍ଯ୍ୟପ୍ରକାଶ ମହାନ୍ତି, ଧରମବୀର ସିଂହ, ବିକାଶ ସାହୁ, ବିଶ୍ୱଜିତ୍ ଛତ୍ରିଆ, ମନୋଜ ମେହେର, ରାକେଶ ଭୋଇ, ରବୀନ୍ଦ୍ର ଝା, ଅଜୟ ସାହୁ, ବିରଞ୍ଚି ପାଧାନ, ମୁକେଶ ମଣ୍ଡଳ, ପ୍ରିୟଦର୍ଶିନୀ ରାଉତ, ଶୁଭଶ୍ରୀ ସାହୁ, ଶିଳ୍ପୀ କୁମ୍ଭାର, ସ୍ୱପ୍ନାଗୁପ୍ତା ମଲ୍ଲିକ, ଜ୍ୟୋତି ରୋଜା ସାହୁ, ସ୍ୱାଗତିକା ପଧାନ କବିତା ଦୋହରେ, ମନୀଷା ସୋନି, ରାଜକିଶୋର ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଭାବବିହ୍ୱଳ କଳା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଡୁଙ୍ଗୁରିପାଲି,୩୦ ।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ବେହେରାମାଲ ସିଆରସିସି ତଥା ଧାନବସା ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର ରଥଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉମାକାନ୍ତ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡୁଙ୍ଗୁରିପାଲି ବ୍ଲକ ଶିକ୍ଷା ଅଧିକାରୀ ଗଣେଶ କିସାନ, ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଗଂଜଲୁ ମିର୍ଦ୍ଧା ଓ ଲିଙ୍ଗମାର୍ଣ୍ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସନାତନ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଅତିଥିଗଣ ଶ୍ରୀ ରଥଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ । ଏହା ସହ ତାଙ୍କ କୃତିତ୍ୱ ଅବତାରଣା କରିଥିଲେ । ଡୁଙ୍ଗୁରିପାଲି ବ୍ଲକକୁ ଶିକ୍ଷା କ୍ଷେତ୍ରରେ ଆଗେଇ ନେବା ପାଇଁ ତାଙ୍କ ଅବଦାନ ଥିଲା ଅନନ୍ୟ । ତାଙ୍କ ଶୃଙ୍ଖଳା ଓ ସ୍ନେହ ବତ୍ସଳତାକୁ ମନେ ପକାଇ ଶିକ୍ଷକ, ଶିକ୍ଷୟିତ୍ରୀ ନିଜ ନିଜ ଅନୁଭୂତି କହିଥିଲେ । ପ୍ରଥମେ ସହକାରୀ ଶିକ୍ଷକ ଓ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଭାବେ ବିଦ୍ୟାଳୟରେ ଉତ୍ତମ ଶିକ୍ଷାଦାନ କରିବା ପରେ ବେହେରାମାଲ କ୍ଲଷ୍ଟରର ସିଆରସିସି ଭାବେ କରିଯାଇଥିବା ଉତ୍ତମ କାର୍ଯ୍ୟ ଶିକ୍ଷକ ସମାଜ ର ପଥ ପ୍ରଦର୍ଶକ ହୋଇ ରହିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ । ଶ୍ରୀ ରଥ ନିଜ ଶିକ୍ଷକତା ଜୀବନର ବିଗତ ଦିନର କଥାର ସ୍ମୃତି ଚାରଣ କରିବା ସହ ଛାତ୍ରଛାତ୍ରୀଙ୍କୁ ଆଶୀର୍ବାଦ ଦେଇଥିଲେ । ବେହେରାମାଲ କ୍ଲଷ୍ଟର ଓ ଆଖପାଖ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପହାର ଓ ଉପଢୌକନ ପ୍ରଦାନ ପୂର୍ବକ ଆଶୀର୍ବାଦ ନେଇଥିଲେ । ଛାତ୍ରଛାତ୍ରୀ ସଭା ପ୍ରାରମ୍ଭରେ ସ୍ୱାଗତ ସଂଗୀତ ଓ ଶେଷରେ ବିଦାୟ ସଂଗୀତ ଗାଇ ନିଜର ଗୁରୁଭକ୍ତି ପ୍ରଦର୍ଶନ କରିଥିଲେ ।

ବେହେରାମାଲ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରାରୀ ରଥ ମଞ୍ଚ ପରିଚାଳନା କରିଥିବା ବେଳେ ଗଜବନ୍ଧ ସିଆରସିସି ନରେନ୍ଦ୍ର ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ଶୁଖା ସିଆରସିସି ସୁରେଶ ନାୟକ, ସରଗୁଲ ସିଆରସିସି ନୀଳକଣ୍ଠ ନାଏକ, ବେହେରାମାଲ ସିଆରସିସି ବିଭୁତି ଭୂଷଣ ରଥ, ସମଲେଇଟୁଆଁ ସିଆରସିସି ରାଧେଶ୍ୟାମ ରଥ, ଚିନାଜୁରୀ ସିଆରସିସି ରମେଶ ଭୋଇ, ବାଙ୍କୀପାଲି ସିଆରସିସି ସୁନୀଲ ସେଟ, ରାମପୁର ସିଆରସିସି ପ୍ରଦୀପ୍ତ କିଶୋର ଦାଶ, ମାୟାବର୍ହା ସିଆରସିସି ସୌରଭ ସାହୁ, ସହଲା ସିଆରସିସି ରଞ୍ଜନ ଦାଶ, ପିପିଲିପାଲି ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନତୀ ପାଣିଗ୍ରାହୀ, ଶିକ୍ଷୟିତ୍ରୀ ଲକି ସାହୁ, ଲଙ୍ଗଲକଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ଖମାରୀ, ବଡ଼ ଭାଲୁପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟ ଶ୍ରୀରାମ ସିକନ୍ଦର, ଲୁହୁକିବେଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେଶ ପୂଜାରୀ, ଅଇଁଳାସାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜୟପ୍ରକାଶ ସେଟ, ଶିକ୍ଷକ ସଦାନନ୍ଦ ପଧାନ, ଦୟାସାଗର ପଧାନ, ଦୀପକ ସାହୁ, ଅଭିଭାବକ ଓ ପୁରାତନ ଛାତ୍ରଛାତ୍ରୀ ଏଥିରେ ଯୋଗ କରିଥିଲେ ।

ବିଶିଷ୍ଟ କୀର୍ତ୍ତନ ଗାୟକ ଡୋଳାମଣି ମଟାରୀଙ୍କ ନେତୃତ୍ୱ ରେ ସଂକୀର୍ତ୍ତନ ସହ ତାଙ୍କୁ ଶୋଭାଯାତ୍ରାରେ ପରିକ୍ରମା କରାଯାଇଥିଲା । ଧାନବସାରୁ ଲଙ୍ଗଲକଟା ଗ୍ରାମସ୍ଥିତ ତାଙ୍କ ବାସଭବନକୁ ପାଛୋଟି ନିଆଯାଇଥିଲା ।

## ଓଏଭି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଛାତ୍ରୀ ସମ୍ବର୍ଦ୍ଧିତ

ବୌଦ୍ଧ,୩୦ ।୪(ସମିସ): ବୌଦ୍ଧ ବ୍ଲକ ଚନ୍ଦ୍ରପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ଷଷ୍ଠ ଶ୍ରେଣୀରେ ପଢୁଥିବା ଛାତ୍ରୀ ସୁଶ୍ରୀ ପ୍ରକୃତି ପ୍ରଧାନ ଓଏଭି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି ।



ତାଙ୍କୁ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ସେ ବ୍ରଜମୋହନ ପ୍ରଧାନ ଓ ରୀତାଞ୍ଜଳି ପ୍ରଧାନଙ୍କ ଝିଅ । ବିଦ୍ୟାଳୟରେ ଅନୁଷ୍ଠିତ ପୋଷାକ ବଣ୍ଟନ ଉତ୍ସବ ଅବସରରେ ପ୍ରଧାନ ଶିକ୍ଷକ ଗିରିଶ ଚନ୍ଦ୍ର ମେହେର ପୁଷ୍ପ ଗୁଚ୍ଛ ଓ ଉପହାର ଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।

## ଆମ୍ବେଦକରଙ୍କ ଜୟନ୍ତୀ ପାଳିତ

ଡୁଙ୍ଗୁରିପାଲି, ୩୦।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନୁସୂଚିତ ଜାତି କଲ୍ୟାଣ ସଂଘ ପକ୍ଷରୁ ଆମ୍ବେଦକରଙ୍କ ୧୩୫ତମ ଜୟନ୍ତୀ ପାଳିତ ହୋଇଛି । ଆରଏମସି ପରିସରରେ ଖଗେଶ୍ୱର କୁମ୍ଭାରଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଏଥିରେ ବିମ୍ବାଧର ବାଗ, ମହେନ୍ଦ୍ର ସୁନା ଯୋଗ, ଅଚ୍ୟୁତ କୁମ୍ଭାର, ଅଚ୍ୟୁତ ଛତର, ସୁରୁବାବୁ ନନ୍ଦ, ନିତେଇ ପାଲ, ନିର୍ଜଳା ଭରାସାଗର, ରେଣୁକା ଦୀପ, ଅଣାକର ବିଶେଶ୍ୱର, ରାଜକିଶୋର ତାଣ୍ଡି, ସାନନ୍ଦ ତାଣ୍ଡି, ଉପେନ୍ଦ୍ର କୁମ୍ଭାର, ସୁରେଶ ବାଗ, ସୁବାସ ସୁନା, ସରଜୁ କୁମ୍ଭାର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । କୃଷ୍ଣଚନ୍ଦ୍ର ବାଗ, ରଥ କୁମ୍ଭାର, ଦିଲ୍ଲୀପ ତାଣ୍ଡି, କାହ୍ନା ନାଗ, ମିଟୁ ବାଗ ପ୍ରମୁଖ ସହଯୋଗ କରିଥିଲେ । ରତ୍ନାକର ସେଠ ମଞ୍ଚ ପରିଚାଳନା କରିଥିଲେ । ପ୍ରକାଶ କୁମ୍ଭାର ଧନ୍ୟବାଦ ଦେଇଥିଲେ ।

## ମହିଳା ଅତ୍ୟାଚାର ପ୍ରତିଷେଧ ଆଇନ ସଚେତନତା

ବୌଦ୍ଧ,୩୦ ।୪ (ସମିସ): ବୌଦ୍ଧ ଜିଲ୍ଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭା ଗୃହରେ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କ ଆନୁକୂଲ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନ ଆଇନ, ଅନୁସୂଚିତ ଜାତି ଏବଂ ଜନଜାତି ଅତ୍ୟାଚାର ପ୍ରତିଷେଧ ଆଇନ ଉପରେ ଏହା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ମୁଖ୍ୟ ନ୍ୟାୟାଧୀଶ ପ୍ରତାପ କୁମାର ପାତ୍ର ସଭାପତିତ୍ୱ କରିଥିଲେ । ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ଜିଲ୍ଲାର ନ୍ୟାୟିକ ଅଧିକାରୀ, ପ୍ରଶାସନିକ ଅଧିକାରୀ, ପୁଲିସ ଅଧିକାରୀ, ଜିଲ୍ଲା ଅଦାଲତ ଓ କଲେକ୍ଟରେଟ୍ କର୍ମଚାରୀଙ୍କ ସହ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ । ଏହି ଦୁଇଟି ଆଇନର ବିଭିନ୍ନ ବ୍ୟବସ୍ଥା, ଅଧିକାର ଓ କର୍ତ୍ତବ୍ୟ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରାଯାଇଥିଲା । ଜିଲ୍ଲା ଆଇନ ସେବା ପ୍ରାଧୀକରଣ ସଚିବ ଶ୍ରଦ୍ଧାଞ୍ଜଳି ରାୟ ସମସ୍ତଙ୍କୁ ସ୍ୱାଗତ କରି ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ସୁସ୍ମିତା ପ୍ରିୟଦର୍ଶିନୀ ଆଇନର ମୁଖ୍ୟ ବିଧାନଗୁଡ଼ିକ ବିଷୟରେ ବିସ୍ତାରିତ ଆଲୋଚନା କରିଥିଲେ । କାର୍ଯ୍ୟସ୍ଥଳରେ ମହିଳାଙ୍କ ପ୍ରତି ଯୌନ ଉତ୍ପୀଡନକୁ କିପରି ପ୍ରତିରୋଧ କରାଯିବ ତାହା ଉପରେ ଜୋର ଦେଇଥିଲେ । ଅଭିଯୋଗ ଦାଖଲ ପ୍ରକ୍ରିୟା ଓ ଆଭ୍ୟନ୍ତରିକ ଅଭିଯୋଗ ସମିତିର ଭୂମିକା ସମ୍ପର୍କରେ ମଧ୍ୟ ସ୍ପଷ୍ଟ କରାଯାଇଥିଲା । ଚିଫ ଜୁଡ଼ିସିଆଲ ମାଜିଷ୍ଟ୍ରେଟ୍ ନିରଞ୍ଜନ ପାତ୍ର ଅନୁସୂଚିତ ଜାତି ଓ ଜନଜାତି ଅତ୍ୟାଚାର ପ୍ରତିଷେଧ ଆଇନ ସମ୍ପର୍କିତ ପ୍ରାବଧାନ ଓ ବିଭେଦ ବିରୋଧରେ ଥିବା ସୁରକ୍ଷା ବ୍ୟବସ୍ଥା ବିଷୟରେ ଆଲୋକପାତ କରିଥିଲେ । ଏହି ସବୁ ଆଇନର କଡାକଡି ରୂପେ କାର୍ଯ୍ୟାନ୍ୱୟନ ଓ ଉଲ୍ଲଂଘନ ଘଟଣାରେ ତ୍ୱରିତ କାର୍ଯ୍ୟକଳାପର ଆବଶ୍ୟକତା ଉପରେ ଜିଲ୍ଲା ମୁଖ୍ୟ ନ୍ୟାୟାଧୀଶ ଓ ଜିଲ୍ଲାପାଳ ଜୋର ଦେଇଥିଲେ ।

## ସୁବର୍ଣ୍ଣପୁର ଗ୍ରାମରେ ନାମଯଜ୍ଞ ଶୁଭାରମ୍ଭ

ବୌଦ୍ଧ, ୩୦ ।୪(ସମିସ): ବୌଦ୍ଧ ବ୍ଲକ୍ ତେଲିବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମରେ ନାମମଣ୍ଡପ ଚୁଡ଼ାରେ କଳସ ସ୍ଥାପନ ଉତ୍ସବ ଓ ଅଷ୍ଟ ପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଛି । ଗ୍ରାମବାସୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ପୂଜକ ସୁଶୀଳ ପାଣିଗ୍ରାହୀ ପୂଜା କାର୍ଯ୍ୟ କରିଥିଲେ । ନାମ ମଣ୍ଡପ ଚୁଡ଼ାରେ ପିତ୍ତଳ ନିର୍ମିତ କଳସ ସ୍ଥାପନ କରାଯାଇଥିଲା । ସେହିପରି ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ ହୋଇଥିଲା ।

## ଜ୍ୟୋତିଷ ପ୍ରମୋଦ ପାଣିଗ୍ରାହୀଙ୍କ ପରଲୋକ



ତରଭା,୩୦ ।୪(ସମିସ): ତରଭା ଅଞ୍ଚଳର ପ୍ରସିଦ୍ଧ ଜ୍ୟୋତିଷ ପ୍ରମୋଦ ପାଣିଗ୍ରାହୀ (୬୬)ଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି । ଗତ ୨୩ ତାରିଖ ପ୍ରମୋଦ ଅସୁସ୍ଥ ହୋଇପଡିବାରୁ ତାଙ୍କୁ ପ୍ରଥମେ ବୁର୍ଲା ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଥିଲା । ମରଶରୀର ଗୁରୁବାର ତରଭାରେ ପହଞ୍ଚିବା ପରେ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁଅ ପ୍ରବେଶ ମୁଖାଗ୍ନି ଦେଇଥିଲେ ।

# ଶିଶୁମନ୍ଦିର ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ





ବୌଦ୍ଧ,୩୦ ।୪ (ସମିସ)

ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଗନ୍ଧରାଡ଼ି ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ ଶତପଥୀ, ବୌଦ୍ଧସଙ୍କୁଳ ପ୍ରମୁଖ ଦଶରଥ ମେହେର, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଟଙ୍କଧର ସାହୁ ଓ ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ୮ ବିଦ୍ୟାଳୟରୁ ୧୩୯ ଆଚାର୍ଯ୍ୟ, ଆଚାର୍ଯ୍ୟା ୨୭ ତାରିଖରୁ ୩୦ ତାରିଖ ପର୍ଯ୍ୟନ୍ତ ଏଥିରେ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ଆଚାର୍ଯ୍ୟ ନରେନ୍ଦ୍ର ମହାକୁଳ କୃତଜ୍ଞତା ଜ୍ଞାପନ କରିଥିଲେ ।

କନ୍ଧମାଳ: କନ୍ଧମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମଧ୍ୟ ୨୭ରୁ ୩୦ତାରିଖ ପର୍ଯ୍ୟନ୍ତ ସଙ୍କୁଳସ୍ତରୀୟ ସାମୂହିକ ଆଚାର୍ଯ୍ୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିନିକା ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ଶିକ୍ଷା ବିକାଶ ସମିତି ପ୍ରାନ୍ତ ନିରୀକ୍ଷକ ଅଶ୍ୱନୀ ନାଏକ, ବିଦ୍ୟାଳୟର ପୂର୍ବତନ ସଭାପତି ଭବାନୀ ଶଙ୍କର ରାଉତ, ସାମ୍ବାଦିକ ଜୟକୁମାର କୁମାର ମହାରଣା, କୋଷାଧ୍ୟକ୍ଷ ଶିବାଶିଷ ମହାପାତ୍ର, ସଭାପତି ଲଳିତ ସାହୁ, ସହ ସମ୍ପାଦକ ମନୋଜ ରାଜହଂସ, ଉପସଭାପତି ସନ୍ତୋଷ ବଘାର ପ୍ରମୁଖ ଉପସ୍ଥିତ ଥିଲେ । ସଙ୍କୁଳ ସଂଯୋଜକ ପ୍ରଧାନାଚାର୍ଯ୍ୟ ମକଦମ୍ ମହାରଣା ଅତିଥି ପରିଚୟ ଓ ବିବରଣୀ ପଠନ କରିଥିଲେ । ସଙ୍କୁଳ ପ୍ରମୁଖ ସନ୍ତୋଷ ବିଶି ଅଧ୍ୟକ୍ଷତା କରିଥିଲେ । ମସିଣାଗୋରା ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । କନ୍ଧମାଳ ସଙ୍କୁଳ ଅଧୀନ ୭ଟି ଶିଶୁ ମନ୍ଦିରର ମୋଟ ୭୮ ଜଣ ଗୁରୁଜୀ, ଗୁରୁମା ଓ ୧୦ ଜଣ ସେବକ ସେବିକା/ବାହନ ଚାଳକ ଉପସ୍ଥିତ ଥିଲେ । ପଲସଗୋରା ପ୍ରଧାନ ଆଚାର୍ଯ୍ୟ ହେମନ୍ତ ପୁଟେଲ, ଘଣ୍ଟାପଡା ପ୍ରଧାନ ଆଚାର୍ଯ୍ୟ ଲିଙ୍ଗରାଜ ସେଠ୍, ମନମୁଣ୍ଡା ପ୍ରଧାନ ଆଚାର୍ଯ୍ୟ ଉମାକାନ୍ତ ଶାଣ୍ଢ, ଦପଲା ପ୍ରଧାନ ଆଚାର୍ଯ୍ୟ ବନମାଳୀ ନାୟକ, ବିଳାସପୁର ଆଚାର୍ଯ୍ୟ ଭାଗ୍ୟଶ୍ରୀ ହାତୀ, ସଙ୍କୁଳ ଶିଶୁ ବାଟିକା ପ୍ରମୁଖ ସାବିତ୍ରୀ ସାହୁ ସହଯୋଗ କରିଥିଲେ । ସମ୍ପାଦକ ନେତ୍ରାନନ୍ଦ ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ ।

ଲୋଇସିଂହା: ଲୋଇସିଂହା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ସଙ୍କୁଳସ୍ତରୀୟ ଆଚାର୍ଯ୍ୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି । ୨୭ ରୁ ୩୦ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା ସମିତି ସଭାପତି ବଂଶୀଧର କାଲସାଏ, ସଙ୍କୁଳ ପ୍ରମୁଖ କମଳଲୋଚନ ତ୍ରିପାଠୀ ଏବଂ ସଙ୍କୁଳ ସଂଯୋଜକ ଶିବ ବାରିକ ପ୍ରମୁଖ ଉଦ୍‌ଘାଟନୀ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସଙ୍କୁଳ ଅଧୀନ ୭ଟି ବିଦ୍ୟାଳୟର ୪୩ ଜଣ ଗୁରୁଜୀ ଏବଂ ୬୦ ଜଣ ଗୁରୁମା ଅଂଶଗ୍ରହଣ କରିଥିଲେ । ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ପରିଚାଳନା ସମିତି ସମ୍ପାଦକ ପ୍ରଶାନ୍ତ ବେହେରା ଯୋଗ ଦେଇଥିଲେ ।

## ବୁଢୀପଦରରେ ବଜ୍ରପାତ ଯୋଗୁଁ ଦୁଇ ଗୁରୁତର





ବୌଦ୍ଧ,୩୦ ।୪ (ସମିସ):ବୌଦ୍ଧ ବ୍ଲକ୍ ପଦ୍ମନପୁର ପଞ୍ଚାୟତ ବୁଢୀପଦର ନିକଟରେ ବଜ୍ରପାତ ଘଟି ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି । ବୁଢୀପଦର ଦୁଇ ଟାଙ୍ଗରସ୍ଥିତ ଋଷ୍ୟ ଶୃଙ୍ଗ ମଠରେ ଚତୁର୍ଦ୍ଦଶୀ ମେଳା ଅବସରରେ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା । ଶ୍ରଦ୍ଧାଳୁମାନେ ପ୍ରସାଦ ସେବନ କରୁଥିବା ସମୟରେ ହଠାତ୍ କାଳ ବୈଶାଖୀ ଯୋଗୁ ପବନ ଓ ଘଡ଼ଘଡ଼ି ସହ ବଜ୍ରପାତ୍ ହୋଇଥିଲା । ଏହା ଫଳରେ ରଘୁନାଥ ଭୋକ୍ତା ଓ ସୁବଳ ଜଟୀ ଗୁରୁତର ହୋଇଥିଲେ । ଉଭୟଙ୍କୁ ଉଦ୍ଧାର କରି ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି ।

## କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




ପାଟଣାଗଡ଼,୩୦ ।୪ (ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ତମିଆଁ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଯୁବରାଜ ମେହେରଙ୍କୁ ଗୁରୁବାର ଅବସର କାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରାଧେଶ୍ୟାମ ପଣ୍ଡା ଯୋଗ ଦେଇଥିଲେ । ଶିକ୍ଷକ ଶୁକଦେବ ସାହୁଙ୍କ ଅଧ୍ୟକ୍ଷତା କରିଥିବାବେଳେ ଆନନ୍ଦ ମେହେର ସଭାପରିଚାଳନା କରିଥିଲେ ।

